# ବିଜେଡିରେ ମିଶିଲେ ରାଜଗାଙ୍ଗପୁରର ବିଜେପି ଓ କଂଗ୍ରେସ ନେତା




**ରାଜଗାଙ୍ଗପୁର, ୩୧।୩(ସମିସ)** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀରେ ବିଜେପିକୁ ଲାଗିଛି ଝଟକା। ଦୀର୍ଘ ୨୯ବର୍ଷ ବିଜେପିରେ ରହିଥିବା ପୂର୍ବତନ ବିଧାୟକ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ ବିଜେପି କର୍ମୀ ସୁନୀଲ ଅଗ୍ରୱାଲ ଓ ରତନ ସାହୁ ରବିବାର ବିଧିବଦ୍ଧ ଭାବେ ଶଙ୍ଖ ଭବନଠାରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡିରେ ସାମିଲ ହୋଇଛନ୍ତି। ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ସାଂସଦ ସସ୍ମିତ ପାତ୍ର, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଶାନ ସେମାନଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ନେତା ନିଜ ପ୍ରତିକ୍ରିୟାରେ କହିଛନ୍ତି, ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି, ଲୋକାଭିମୁଖୀ ଯୋଜନା ଓ ନୀତିଆଦର୍ଶ ଆମକୁ ସର୍ବଦା ଅନୁପ୍ରାଣିତ କରିଆସିଛି। ବିଜେଡି ହେଉଛି ଏକମାତ୍ର ଦଳ ଯେଉଁଠାରେ ଅନୁଶାସନ ଓ ଜନସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଏ। ଏପରି ଏକ ଦଳରେ ସାମିଲ ହୋଇ ଲୋକଙ୍କ ପାଇଁ କାମ କରିବା ଆମ ପାଇଁ ଗର୍ବ ଓ ସୌଭାଗ୍ୟର ବିଷୟ ବୋଲି ସେମାନେ ପ୍ରକାଶ କରିଥିଲେ। ଦଳରେ ସାମିଲ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# କୁଆଁରମୁଣ୍ଡା ଉତ୍ସାରେ ମହିଳାଙ୍କୁ ଟେଲରିଂ ତାଲିମ



**ରାଉରକେଲା, ୩୧।୩(ସମିସ):** ଆର୍‌ଏସ୍‌ପି ସିଏସଆର ବିଭାଗ ଦ୍ୱାରା ଗ୍ରାମୀଣ ମହଳାଙ୍କ ଆର୍ଥିକ ସଶକ୍ତୀକରଣ ନିମନ୍ତେ ପ୍ରୟାସ ଟେଲରିଂ ତାଲିମର ପ୍ରଥମ ପର୍ଯ୍ୟାୟ ତାଲିମ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଉଦଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ଆରଏସପି କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ତାଲିମ ନେଇଥିବା କୁଆଁରମୁଣ୍ଡା ଅଞ୍ଚଳର ୧୫ ମହିଳା ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସିଏସଆର ବିଭାଗ ଜିଏମ ମୁନମୁନ ମିତ୍ର, ଓଡ଼ିଶା ଉଷା ସିଲାଇ ସ୍କୁଲର ମୁଖ୍ୟ ବିଜୟାନନ୍ଦ ଦାସ, ଆରଏସପିର ଅନ୍ୟ ଅଧିକାରୀ ତଥା ସମ୍ପୃକ୍ତ ଏଜେନ୍ସିର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ ମିଶ୍ର ପାର୍ଶ୍ୱାଞ୍ଚଳ ଗ୍ରାମର ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ଦିଗରେ ନିଆଯାଇଥିବା ସିଏସଆରପଦକ୍ଷେପକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ପ୍ରସ୍ତୁତ ସର୍ବୋତ୍ତମ ଉତ୍ପାଦ ଯେପରିକି ପୁରୁଷ, ମହିଳା ଓ ଶିଶୁଙ୍କ ପାଇଁ ପୋଷାକ, ରୋଷେଇ ଆପ୍ରୋନ, ଏମ୍ବ୍ରୋଡୋରୀ ଏବଂ ଆପ୍ଲିକ କାର୍ଯ୍ୟ ଇତ୍ୟାଦି ପ୍ରଦର୍ଶିତ ହୋଇଥିଲା। ଟେଲରିଂ ଅଧିବେଶନଗୁଡ଼ିକ ଉଷା ସିଲାଇ ସ୍କୁଲର ମାଷ୍ଟର ଟ୍ରେନର ପ୍ରଭାତି ଖୁଣ୍ଟିଆଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ପ୍ରାରମ୍ଭରେ ସିଏସଆର ବିଭାଗ ଜିଏମ ମିତ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ। ସିଏସଆର ବିଭାଗ ଏଜିଏମ ଟିବି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସିଏସଆର ବିଭାଗ ଡେପୁଟି ମ୍ୟାନେଜର ରିଚା ସୁଧୀରମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ପାର୍ଶ୍ୱାଞ୍ଚଳରେ ବସବାସ କରୁଥିବା ଅବହେଳିତ ବର୍ଗର ମହିଳାଙ୍କ ଦକ୍ଷତା ବିକାଶ ଦିଗରେ ଏକ ତାଲିମ ତଥା ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟ ଶେଷ ହେବା ପରେ ପ୍ରଶିକ୍ଷାର୍ଥୀଙ୍କୁ ସିଲେଇ ମେସିନ ଯୋଗାଇ ଦିଆଯିବ।

## ରାଜସ୍ଥାନ ପରିଷଦ ପକ୍ଷରୁ ରାଜସ୍ଥାନ ଦିବସ ପାଳିତ



**ରାଉରକେଲା, ୩୧।୩(ସମିସ):** ସାମାଜିକ ସଂଗଠନ ରାଜସ୍ଥାନ ପରିଷଦ ସଭାପତି ସନ୍ତୋଷ ଅଗ୍ରୱାଲଙ୍କ ନେତୃତ୍ୱରେ ଅମର ଭବନଠାରେ ରାଜସ୍ଥାନ ଦିବସ ପାଳିତ ହୋଇଛି। ଏଥିରେ ପୂର୍ବତନ ସଭାପତି ଘନଶ୍ୟାମ ଅଗ୍ରୱାଲ, ବଦ୍ରିନାରାୟଣ ମାହେଶ୍ୱରୀ, ମହାବୀର ତୋଡ଼ି, ଅନୁପ ଟେବ୍ରିୱାଲ, ସଂରକ୍ଷକ ସମିତି ସଦସ୍ୟ ବିନୋଦ ମୋଦୀ, ଉପସଭାପତି ଯୁଗୋଲ ମାରୋଠିଆ, ବରୁଣ ସୋମାନୀ, ସମ୍ପାଦକ ବିନୋଦ ନରେଡି, ସହ-ସଚିବ ମନୀଷ ଟୋଡ଼ି, କୋଷାଧ୍ୟକ୍ଷ ବିନୟ ଶର୍ମା, ସହ-କୋଷାଧ୍ୟକ୍ଷ ମୁକେଶରାଜ କେଡ଼ିଆଙ୍କ ସମେତ ସହରର ବିଭିନ୍ନ ସାମାଜିକ ସଂଗଠନ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ହରିୟାଣା ନାଗରିକ ସଂଘ, ମହାରାଜା ଅଗ୍ରସେନ ସେବା ସଂଘ, ତେରାପନ୍ଥ, ଶ୍ୱେତାମ୍ବର ଜୈନ ସମାଜ, ସୁନ୍ଦରଗଡ଼ ଜିଲ୍ଲା ମାହେଶ୍ୱରୀ ସମାଜ, ବ୍ରାହ୍ମଣ କଲ୍ୟାଣ ସଭା, ଦିଗମ୍ବର ଜୈନ ସମାଜ ସମେତ ଅନ୍ୟ ମାରୱାଡ଼ି ସଂଗଠନ ସାମିଲ ହୋଇଥିଲେ। ଅତିଥିଙ୍କ ଦ୍ୱାରା ଶ୍ରୀଗଣେଶଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇଥିଲା। ପରିଷଦର ପୂର୍ବତନ ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଲକାତାର କଳାକାରଙ୍କ ଦ୍ୱାରା ପରିବେଷିତ ରାଜସ୍ଥାନୀ ଲୋକନୃତ୍ୟ ବିଶେଷ ଆକର୍ଷଣ ହୋଇଥିଲା। ଆକର୍ଷଣ ଥିଲା ରସ୍ କି ବ୍ରେଜ୍। ରାଜସ୍ଥାନୀ ଲୋକଗୀତ ଉପରେ ଆଧାରିତ ଫୁଲର ହୋଲି ଅଗ୍ନି ନିତ୍ୟା ଏବଂ ଅନ୍ୟାନ୍ୟ ଦୈନନ୍ଦିନ କଳାକାରଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିଲା। ବରୁଣ ସୋମାନି ମଞ୍ଚ ପରିଚାଳନା କରିଥିଲେ। ଉପାଧ୍ୟକ୍ଷ ଜୁଗାଲ ମାରୋଠିଆ ଧନ୍ୟବାଦ ଦେଇଥିଲେ।

## ଶ୍ରୀ ଶ୍ରୀ ସଙ୍କଟମୋଚନ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



**ରାଜଗାଙ୍ଗପୁର, ୩୧।୩(ସମିସ):** ରାଜଗାଙ୍ଗପୁର ବାଣ୍ଟୁପଡ଼ାସ୍ଥିତ ଶ୍ରୀ ଶ୍ରୀ ସଙ୍କଟ ମୋଚନ ହନୁମାନ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଶୁକ୍ରବାର ସକାଳେ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ବାହାରି ବାବା ତାଲାବରୁ ଜଳ ଆଣି ମନ୍ଦିରରେ ସ୍ଥାପନ କରିଥିଲେ। ରବିବାର ବେଦପାଠ, ଧରିତ୍ରୀ, ଗୁରୁ, ସୂର୍ଯ୍ୟ ଓ ଗୋ-ପୂଜନ, ଘଟମଙ୍ଗଳ ଆଦି ପୂଜା, ରୁଦ୍ରାଭିଷେକ, ସୁନ୍ଦରାକାଣ୍ଡ ପାରାୟଣ, ଚାଳିଶା ପାଠ ସହ ଶ୍ରୀ ରାମନାମ ଗାନ କରାଯାଇଥିଲା। ଅପରାହ୍ନ ସାଢ଼େ ୧୨ଟାରେ ପୂର୍ଣ୍ଣାହୁତି ହୋଇଥିଲା। ବିଜୟ ମାଝୀ, ଠିଙ୍ଗୁ ବାର୍ଲା, ଉଲ୍ଲାସ ବାର୍ଲା, ମିନି ମାଝୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମନ୍ଦିର କମିଟି ସଭାପତି ଅମିନ ଖେସ, ଉପ ସଭାପତି ଅମର ପାତ୍ର, ସମ୍ପାଦକ ବନିତା ଟପ୍ପୋ, ଯୁଗ୍ମ ସମ୍ପାଦକ ମମତା ଟପ୍ପୋ, କୋଷାଧ୍ୟକ୍ଷ ସୁମିତ୍ରା ବାର୍ଲା ସମେତ ଦେବାରଞ୍ଜନ ବିନୋଦ, ଶଙ୍କର ମାଝୀ, କୁଶଦେବ ପଣ୍ଡା, ଅମରେଶ ପଣ୍ଡା, ବସନ୍ତ ସାହୁ, ଅମିୟ ଦାସ, ବାବଲୁ ନାୟକ ପ୍ରମୁଖ ସହଯୋଗ କରିଥିଲେ। ସୋମବାର ପ୍ରଭାତରୁ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଆରମ୍ଭ ହୋଇ ମଙ୍ଗଳବାର ଉଦ୍‌ଯାପିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ପୂର୍ତ୍ତ ବିଭାଗର ତତ୍ପରତା, ମୁକୁଳା ଡ୍ରେନ୍‌ରେ ପଡ଼ିଲା ସ୍ଲାବ୍

ବଣାଇଁ, ୩୧।୩(ସମିସ): କେନ୍ଦ୍ରିକଳା ଛକ ନିକଟରେ ଡ୍ରେନ ମୁକୁଳା ଥିବା ଖବର 'ସକାଳ'ରେ ପ୍ରକାଶିତ ହେବା ପରେ ବଣାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରବିବାର ସକାଳୁ ସକାଳୁ ବିଭାଗୀୟ ଯନ୍ତ୍ରୀ ତୁରନ୍ତ ପଦକ୍ଷେପ ଗ୍ରହଣ କରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାଗୃହ, ଆରଓ ପ୍ଲାଣ୍ଟ ଓ ପୋଖରୀକୁ ଯିବା ରାସ୍ତା ନିକଟ ଡ୍ରେନ୍ ଉପରେ ସ୍ଲାବ ପକାଇଛନ୍ତି। ଫଳରେ ଲୋକେ ପାନୀୟ ଜଳ ଆଣିବା ସହ ପୋଖରୀକୁ ଯିବାଆସିବା କରିବାରେ ଆଶ୍ୱସ୍ତି ଲାଭ କରିଛନ୍ତି। ତା' ସହିତ ଆଗାମୀ ଦୁଇ, ଚାରିଦିନ ଭିତରେ ବାକି ରହିଥିବା ସ୍ଥାନଗୁଡ଼ିକରେ ସମ୍ପୂର୍ଣ୍ଣ ଢାଙ୍କୁଣି ଲଗାଯିବ ବୋଲି ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ଗ୍ରହଣ କରିଥିବାରୁ ବିଭାଗୀୟ ଯନ୍ତ୍ରୀଙ୍କୁ କେନ୍ଦ୍ରିକଳା ଗ୍ରାମବାସୀ ଧନ୍ୟବାଦ ଅର୍ପଣ କରିଛନ୍ତି।




# ସାଂସଦ ପ୍ରାର୍ଥୀ ହେବା ପରେ ଜୁଏଲଙ୍କ ରାଉରକେଲା ଗସ୍ତ

**ରାଉରକେଲା, ୩୧।୩(ସମିସ):** ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ଆଗାମୀ ସାଧାରଣ ନିର୍ବାଚନ ପାଇଁ ସୁନ୍ଦରଗଡ଼ ଲୋକସଭା କ୍ଷେତ୍ରରୁ ପୁନର୍ବାର ଲଢ଼ିବା ପାଇଁ ବିଜେପି ଟିକଟ ପାଇବା ପରେ ରବିବାର ରାଉରକେଲା ଗସ୍ତରେ ଆସିଛନ୍ତି। ଜୁଏଲ ଭୁବନେଶ୍ୱରରୁ ତପସ୍ୱିନୀ ଏକ୍ସପ୍ରେସ ଯୋଗେ ରାଉରକେଲା ପହଞ୍ଚିବା ପରେ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା, କର୍ମୀ, ଶୁଭେଚ୍ଛୁ ଓ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତା ଷ୍ଟେସନରେ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ବିପୁଳ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ। ଷ୍ଟେସନରୁ ପାର୍ଟି କାର୍ଯ୍ୟାଳୟକୁ ତାଙ୍କୁ ପାଛୋଟି ଅଣାଯାଇଥିଲା। ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ଧୀରେନ୍ ସେନାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ, ଜଗବନ୍ଧୁ ବେହେରା, ପ୍ରମିଳା ଦାସ, ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚା ସମ୍ପାଦକ ବିଜୟ ଖାଲଖୋ ସମେତ ଜିଲ୍ଲା କାର୍ଯ୍ୟକର୍ତ୍ତା, କମିଟି, ଜିଲ୍ଲା ମୋର୍ଚ୍ଚା ସଭାପତି ଓ କମିଟି, ମଣ୍ଡଳ ସଭାପତି ଓ କମିଟି, ଶତାଧିକ କର୍ମୀ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ଜୁଏଲଙ୍କୁ ଟିକଟ ମିଳିଥିବାରୁ ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହ, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି।




ଏହି ଅବସରରେ ଜୁଏଲ ପ୍ରତିକ୍ରିୟାରେ କହିଛନ୍ତି 'ଦିଲୀପ ତିର୍କୀ ମୋର ସାନ ଭାଇ। ସେ ଅନ୍ତର୍ଜାତୀୟ ସ୍ତରର ହକି ଖେଳାଳି। କିନ୍ତୁ ରାଜନୈତିକ ମଇଦାନ ଅଲଗା ଏବଂ ହକି ପଡ଼ିଆ ଅଲଗା। ସେ ପ୍ରାର୍ଥୀ ହୋଇଛନ୍ତି ଭଲକଥା, ଲଢ଼ନ୍ତୁ। ମୋର ଶୁଭେଚ୍ଛା ରହିଛି ବୋଲି ଜୁଏଲ କହିଛନ୍ତି। ଅନ୍ୟପକ୍ଷରେ ଦିଲୀପ ତିର୍କୀ ମଧ୍ୟ ସୁନ୍ଦରଗଡ଼ରୁ କର୍ମୀ ସମ୍ମିଳନୀ ମାଧ୍ୟମରେ ତାଙ୍କ ନିର୍ବାଚନ ପ୍ରଚାର ଏକପ୍ରକାର ଆରମ୍ଭ କରିଛନ୍ତି।

ନିର୍ବାଚନ ତାରିଖ ଘୋଷଣା ପରେ ସୁନ୍ଦରଗଡ଼ ଲୋକସଭା ଆସନ ପାଇଁ ଦୁଇ ପ୍ରମୁଖ ଦଳ ନିଜ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ବିଜେପିରୁ ସାଂସଦ ଜୁଏଲ ଓରାମ ପୁନର୍ବାର ନିର୍ବାଚନ ଲଢୁଥିବା ବେଳେ ବିଜେଡି ପକ୍ଷରୁ ହକି ଇଣ୍ଡିଆ ଅଧ୍ୟକ୍ଷ ଦିଲୀପ ତିର୍କୀଙ୍କ ନାମ ଘୋଷଣା କରାଯାଇଛି। କଂଗ୍ରେସ ଏପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ। ଯଦିଓ ସୁନ୍ଦରଗଡ଼ରେ ତ୍ରିକୋଣୀୟ ମୁକାବିଲା ହୁଏ ତଥାପି ଚଳିତ ନିର୍ବାଚନରେ ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ବିଜେପି-ବିଜେଡି ମଧ୍ୟରେ କଡ଼ା ମୁକାବିଲା ହେବା ସମ୍ଭାବନା ରହିଛି। ଆଜି ଜୁଏଲ ଦଳର ଜରୁରୀ ଡାକରା ପାଇ ପୁଣି ଦିଲ୍ଲୀ ଯାଇଥିବା ସୂଚନା ମିଳିଛି। ବିଜେଡି ପ୍ରାର୍ଥୀ ଦିଲୀପ ତିର୍କୀ ତାଙ୍କ ପ୍ରଥମ ନିର୍ବାଚନୀ କର୍ମୀ ସମ୍ମିଳନୀ ହେମଗିରିରୁ ଆରମ୍ଭ କରିଛନ୍ତି। ନବୀନ ପଟ୍ଟନାୟକ କ୍ରୀଡ଼ା, ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ସୁନ୍ଦରଗଡ଼ ଜିଲ୍ଲାକୁ ବେଶ ଗୁରୁତ୍ୱ ଦେଇଥିବାରୁ ବିଜେଡିକୁ ଭୋଟ ଦେବାକୁ ଦିଲୀପ ଭୋଟରଙ୍କୁ ନିବେଦନ କରିଛନ୍ତି।

# ଷ୍ଟିଲ୍ ମେଲ୍ଟିଂ ସପ-୧ ଦ୍ୱାରା ନୂତନ ସୁବିଧା କମିଶନିଂ ସହ ଉତ୍ପାଦକତାରେ ଉନ୍ନତି

**ରାଉରକେଲା, ୩୧।୩(ସମିସ):** ଆର୍‌ଏସ୍‌ପି ପକ୍ଷରୁ ଷ୍ଟିଲ ମେଲ୍ଟିଂ ସପ-୧ (ଏସଏମଏସ-୧)ର ବିଭାଗୀୟ ଦଳ କଣ୍ଟିନ୍ୟୁୟସ କାଷ୍ଟିଂ ମେସିନ୍-୧ (ସିସିଏମ-୧)ରେ ଦୁଇଟି ଆଧୁନିକ ସୁବିଧା ସଫଳତାର ସହ କମିଶନିଂ କରାଯାଇଛି। ଏହି ପଦକ୍ଷେପ ବିଭାଗର ଉତ୍ପାଦକତାରେ ବୃଦ୍ଧି ଆଣିବା ସହ ଗୁଣବତ୍ତାରେ ମଧ୍ୟ ଉନ୍ନତି ଆଣିଛି। ବିଭାଗୀୟ ସାମୂହିକ ନିକଟରେ ଏକ ନୂତନ ମୋଲ୍ଡ ଅସିଲେସନ୍ ଟେବୁଲ୍ (ଏମଓଟି) ଏବଂ ଉପରୋକ୍ତ ଏମଓଟି ପାଇଁ ଏକ ନିଜସ୍ୱ ସମ୍ବଳରେ ବିକଶିତ ଡ୍ରାଇଭ୍ ସିମୁଲେସନ୍ ଟେଷ୍ଟ ବେଞ୍ଚ ସଂସ୍ଥାପିତ ଏବଂ କମିଶନ କରିଛନ୍ତି ଯାହା ସେମାନଙ୍କ ବୈଷୟିକ ଦକ୍ଷତା, ପାରଦର୍ଶିତା ଏବଂ ଉତ୍କର୍ଷତା ଅନ୍ୱେଷଣ ପ୍ରତିଭାକୁ ଦର୍ଶାଉଛି।


ରାଉରକେଲା ଇସ୍ପାତ କାରଖାନା

ମେସର୍ସ ଏସଏମଏସ ଇଣ୍ଡିଆ ଲିମିଟେଡ ଦ୍ୱାରା ଯୋଗାଇ ଦିଆଯାଇଥିବା ନୂତନ ସ୍ଥାପିତ ଏମଓଟିର ଏକୀକରଣ ସିସିଏମ-୧ ପାଇଁ ଉନ୍ନତ ସଠିକତା, ନିୟନ୍ତ୍ରଣ ଏବଂ ସାମଗ୍ରିକ କାର୍ଯ୍ୟଦକ୍ଷତା ନିଶ୍ଚିତ କରୁଛି। ଷ୍ଟ୍ରକଚରାଲ୍ ଆଣ୍ଡ ଫ୍ୟାବ୍ରିକେସନ୍ ସପ ଏବଂ ସିଭିଲ୍ ଇଞ୍ଜିନିୟରିଂ ସେବା ବିଭାଗ ସିସିଏମ-୧ (ମେକାନିକାଲ୍) ଦ୍ୱାରା ବିକଶିତ ଚିତ୍ରାଙ୍କନ ଏବଂ ଡିଜାଇନ୍ ଆଧାର କରି ଏହି ସୁବିଧା ପାଇଁ ଆଧାର ପ୍ରସ୍ତୁତି ଏବଂ ସ୍ଥାପନ କରିବାରେ ଅତ୍ୟାବଶ୍ୟକ ସହାୟତା ପ୍ରଦାନ କରିଥିଲେ।

ଏହି ସୁବିଧାଗୁଡ଼ିକର ଡିଜାଇନ୍-ଟୁ-କମିଶନ ପ୍ରକ୍ରିୟା ସିସିଏମ ଇଲେକ୍ଟ୍ରିକାଲ ଓ ମେକାନିକାଲର ବିଭାଗର ନେତୃତ୍ୱରେ ଜିଏମ ମେକାନିକାଲ ଏଭି ପ୍ରଦୀପ, ଏଜିଏମ ମେକାନିକାଲ ଏସଏନ ରାଉତ, ଏଜିଏମ ଇଲେକ୍ଟ୍ରିକାଲ ଟିପି ଗ୍ରେବାଲ, ସିନିୟର ମ୍ୟାନେଜର (ମେକାନିକାଲ୍) ଜେକେ ମହାପାତ୍ର, ମ୍ୟାନେଜର ଇଲେକ୍ଟ୍ରିକଲ ସନ୍ଦୀପ କୁମାର ଲାକ୍ରା ଏବଂ ଡେପୁଟି ମ୍ୟାନେଜର ବୀରବର ବେହେରାଙ୍କ ମାର୍ଗଦର୍ଶନରେ ସମ୍ପାଦିତ ହୋଇଥିଲା। ନିକଟରେ ଅନୁଷ୍ଠିତ ଏକ ସମାରୋହରେ ସିଜିଏମ୍ ଇନ୍ ଚାର୍ଜ (ଷ୍ଟିଲ୍) ପିକେ ପାତ୍ର ଏହି ନୂତନ ସୁବିଧାଗୁଡ଼ିକର ଉଦଘାଟନ କରିଥିଲେ। ଏହି ଅବସରରେ ସିଜିଏମ୍ (ଏସ୍‌ଏମ୍‌ଏସ୍-୧) ପିନାକୀ ଚୌଧୁରୀ, ବିଇ ବିଭାଗ ସିଜିଏମ ପିକେ ସାହୁ, ଡିଜାଇନ ଓ ସସ୍ମ ବିଭାଗ ସିଜିଏମ ରବି ରଞ୍ଜନ, ଉପସ୍ଥିତ ଥିଲେ।

# ବଡ଼ବିଲ, ଟେନ୍‌ସା, କାସିଆ ୟୁନିଟ୍‌ରେ ଓପି ଜିନ୍ଦଲଙ୍କ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ

**ରାଉରକେଲା, ୩୧।୩(ସମିସ):** ଜିନ୍ଦଲ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଓମପ୍ରକାଶ ଜିନ୍ଦଲଙ୍କ ୧୯ତମ ପୁଣ୍ୟତିଥି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ଟେନ୍‌ସା ଆଇରନ ମାଇନ୍ସ, ବଡ଼ବିଲ ପେଲେଟ ପ୍ଲାଣ୍ଟ, କାସିଆ ମାଇନ୍ସରେ ପାଳିତ ହୋଇଛି। ଏହି ଅବସରରେ ୟୁନିଟ୍‌ଗୁଡ଼ିକରେ ସାମାଜିକ କଲ୍ୟାଣ ମୂଳକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



ୟୁନିଟଗୁଡ଼ିକରେ ଥିବା ଟାଉନସିପ୍ ମନ୍ଦିରମାନଙ୍କରେ ପୂଜାର୍ଚ୍ଚନା, ପ୍ରାର୍ଥନା ଓ ଗୀତାଯଜ୍ଞ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସୁନ୍ଦରଗଡ଼ ଜିଲ୍ଲା ଜେଏସପିର ଟେନସା ମାଇନ୍ସର ୟୁନିଟ୍ ମୁଖ୍ୟ କମଳାକାନ୍ତ ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ସ୍ୱର୍ଗତ ଓପି ଜିନ୍ଦଲଙ୍କୁ ସମବେତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ରେଡକ୍ରସ ସୋସାଇଟି ସହ ମିଳିତ ଭାବରେ ଜେଏସପିର ସାମାଜିକ ସଂସ୍ଥା ଜେଏସପି ଫାଉଣ୍ଡେସନ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଟେନସା ମାଇନ୍ସର ୟୁନିଟ୍ ମୁଖ୍ୟ କମଳାକାନ୍ତ ନନ୍ଦ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଜେଏସପି କାସିଆ ମାଇନ୍ସର ସମସ୍ତ କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଓ ବିଜନେସ ଆସୋସିଏଟ୍ସମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ବଡ଼ବିଲ ୟୁନିଟ୍ ମୁଖ୍ୟ ପୁରୁଷୋତ୍ତମ ଏମ୍‌ଡି, କାସିଆ ମାଇନ୍ସ ମୁଖ୍ୟ ରଘୁରାଜ ରଘୁବଂଶୀଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ସେମାନଙ୍କ ପରିବାର ସଦସ୍ୟ ଓ ବିଜନେସ ଆସୋସିଏଟ୍ସମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ବଡ଼ବିଲଠାରେ ମଧ୍ୟ ରେଡକ୍ରସ ସୋସାଇଟି ସହ ମିଳିତ ଭାବରେ ଜେଏସପିର ସାମାଜିକ ସଂସ୍ଥା ଜେଏସପି ଫାଉଣ୍ଡେସନ ଦ୍ୱାରା ବଡ଼ବିଲ ପେଲେଟ ପ୍ଲାଣ୍ଟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ୟୁନିଟ ମୁଖ୍ୟ ପୁରୁଷୋତ୍ତମ ଏମ୍‌ଡି ଉଦଦ୍‌ଘାଟନ କରିଥିଲେ। ଉଭୟ ବଡ଼ବିଲ ଓ



ଟେନସାଠାରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ପ୍ରାୟ ୧୭୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। କାର୍ଯ୍ୟକ୍ରମରେ ରଘୁରାଜ ରଘୁବଂଶୀ ଓ ମାନବ ସମ୍ବଳ ବିଭାଗ ମୁଖ୍ୟ ଆଶିଷ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ୟୁନିଟମାନଙ୍କରେ ଥିବା ଟାଉନସିପର ଲେଡିଜ କ୍ଲବଗୁଡ଼ିକ ଦ୍ୱାରା ମଧ୍ୟ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ପୁଣ୍ୟ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

# ଚନ୍ଦ୍ରଶେଖର କ୍ରୀଡ଼ା ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ସଭା

**ରାଉରକେଲା, ୩୧।୩(ସମିସ)**

ରାଉରକେଲା ସହରର ଅନ୍ୟତମ ସାମାଜିକ ଓ କ୍ରୀଡ଼ା ସଂଗଠନ ଚନ୍ଦ୍ରଶେଖର କ୍ରୀଡ଼ା ସଙ୍ଗଠନ ପକ୍ଷରୁ ବାର୍ଷିକ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା ସେକ୍ଟର-୨ ମାକ୍ସମୁଲାର ଭବନରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆର୍‌ଏସପିର ସହର ସେବା ବିଭାଗ ମୁଖ୍ୟ ମହାପ୍ରବନ୍ଧକ ପ୍ରତାପ କୁମାର ସ୍ୱାଇଁ ଯୋଗଦେଇ କ୍ରୀଡ଼ାର ବିକାଶ କ୍ଷେତ୍ରରେ ଚନ୍ଦ୍ରଶେଖର କ୍ରୀଡ଼ା ସଙ୍ଗଠନର କାର୍ଯ୍ୟକୁ ପ୍ରଶଂସା କରିଥିଲେ।

ଗତ କିଛିମାସ ଧରି ରାଜ୍ୟ ସରକାର ଓ ଆର୍‌ଏସ୍‌ପି ପକ୍ଷରୁ ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସମ୍ପର୍କରେ ସୂଚନା ଦେବା ସହ ଆଗାମୀ ଦିନରେ ହେବାକୁ ଥିବା ଅନ୍ୟ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପାଠପଢ଼ା ସହ କ୍ରୀଡ଼ାରେ ମନୋନିବେଶ ପାଇଁ ଛାତ୍ରଛାତ୍ରୀଙ୍କୁ ସେ ପରାମର୍ଶ ଦେଇଥିଲେ।



ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଫୁଟ୍‌ବଲ୍ ଖେଳାଳି ଭାରତୀକୃଷ୍ଣ ମିଶ୍ର, ବରିଷ୍ଠ ଚେସ୍ ଓ ଭଲିବଲ୍ ଖେଳାଳି ତଥା ଓଡ଼ିଶା ଚେସ୍ ମହାସଂଘ ସଭାପତି ଗୋବିନ୍ଦ ମହାପାତ୍ର, ବରିଷ୍ଠ ଆଥ୍‌ଲେଟ୍ ପଞ୍ଚାନନ ଗନ୍ତାୟତ, ଜିସି ମହାପାତ୍ରଙ୍କ ସମେତ ସଙ୍ଗଠନର ସଭାପତି ତଥା ବରିଷ୍ଠ ସାଇକ୍ଲିଷ୍ଟ ସୁଭାଷ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଆଥ୍‌ଲେଟିକ ଅଫିସିଆଲ ନିଖିଳ କଳାକାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ସହରର ବିଭିନ୍ନ ବର୍ଗର ଖେଳାଳିଙ୍କ ସମେତ ଓଡ଼ିଶା ବାହାରୁ ଆସିଥିବା ଅନେକ ଖେଳାଳି ଯୋଗଦେଇଥିଲେ। ସଙ୍ଗଠନ ସାଧାରଣ ସମ୍ପାଦକ ଦେବଦତ୍ତ ଜେନାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୩ଜଣ ବିଭିନ୍ନ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହା ସହିତ ବରିଷ୍ଠ ଖେଳାଳି ନୃସିଂହ ଚରଣ ସାହୁ, ସସ୍ମିତା ଦାସ, ସୁଭଜା ବଡ଼ଜେନା, ଉଦୀୟମାନ ଖେଳାଳି ଆଶା ମୁଣ୍ଡାରୀ, ମାଷ୍ଟର ଆଥଲେଟ ଅଶୋକ ବିଶ୍ୱାଳଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶତାଧିକ ଖେଳାଳି ପରସ୍ପରକୁ ଭେଟି ନିଜ ନିଜ ମଧ୍ୟରେ ଭାବ ବିନିମୟ କରିଥିଲେ। କଳିଙ୍ଗ ସ୍ପୋର୍ଟ୍ସ ଫେଡେରେସନ ସାଧାରଣ ସମ୍ପାଦକ ସଞ୍ଜୟ ବବୁଟା ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଏକାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



୰ ସୁଭାଷ ଚନ୍ଦ୍ର ପରିଡା
ଆବିର୍ଭାବ : ୨୨.୦୮.୧୯୪୭
ତିରୋଧାନ : ୨୨.୦୩.୨୦୨୪
ମନାପଡା, ଗୋପ, ପୁରୀ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ଚରଣାବିନ୍ଦରେ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
-: ଶୋକସନ୍ତପ୍ତ :-
ପୁତ୍ର, ପୁତ୍ର ବଧୂ, ବନ୍ଧୁ ଓ ପରିବାରବର୍ଗ

■ ପ୍ଲାଣ୍ଟସ୍ତରୀୟ ମକ୍‌ଡ୍ରିଲ

# 'ଏନ୍‌ଟିପିସି ଦର୍ଲିପାଲି ନିରାପତ୍ତାକୁ ସର୍ବାଧିକ ପ୍ରାଧାନ୍ୟ ଦିଏ'




**ସୁନ୍ଦରଗଡ଼, ୩୧।୩(ସମିସ):** ଶୀର୍ଷ ସ୍ତରର ସୁରକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତିକୁ ପରୀକ୍ଷା କରି ବିଭିନ୍ନ ବିଭାଗ, ଶ୍ରମିକ, ଡାକ୍ତର, ସିଏସ୍‌ଏଫ୍ ସୁରକ୍ଷା ଏବଂ ଅଗ୍ନିଶମ ବିଭାଗର କର୍ମଚାରୀ, ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏନଟିପିସିର ଦିର୍ଲିପାଲି ସୁପର ଥର୍ମାଲ ପାୱାର ଷ୍ଟେସନରେ ପ୍ଲାଣ୍ଟସ୍ତରୀୟ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଦୁର୍ଘଟଣାସ୍ଥଳରୁ ପୀଡ଼ିତଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଜରୁରୀକାଳୀନ ପରିସ୍ଥିତି ବିଷୟରେ ସୂଚନା ପାଇବା ପରେ ନିରାପତ୍ତା ଉପକରଣରେ ସଜ୍ଜିତ ସିଏସ୍‌ଏଫ୍ କର୍ମଚାରୀମାନେ ବିଳମ୍ବ ନ କରି ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ଆମର ମୂଳ ଉଦ୍ଦେଶ୍ୟ କେବଳ ଦକ୍ଷତାର ସହ ଶକ୍ତି ଉତ୍ପାଦନ ନୁହେଁ, ଉତ୍ପାଦନ ପାଇଁ ସୁରକ୍ଷା ମଧ୍ୟ ବଜାୟ ରଖିବା ଲକ୍ଷ୍ୟ ବୋଲି ଏହି ଅବସରରେ ପ୍ରକଳ୍ପ ମୁଖ୍ୟ ଏଚ୍ ଚକ୍ରବର୍ତ୍ତୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ପରିଚାଳକ (ଓ ଆଣ୍ଡ ଏମ) ହରେରାମ ସିଂ, ସାଧାରଣ ପରିଚାଳକ (ପ୍ରୋଜେକ୍ଟ) ବିଶାଳ ମାଥୁର, ସାଧାରଣ ପରିଚାଳକ (ରକ୍ଷଣାବେକ୍ଷଣ) ସୁଭାଷ ଠାକୁର, ମୁଖ୍ୟ ଚିକିତ୍ସା ଅଧିକାରୀ, ବିଭାଗ ମୁଖ୍ୟ ତଥା ଅନ୍ୟ ବରିଷ୍ଠ ଅଧିକାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ମକ୍‌ଡ୍ରିଲ ସୁରୁଖୁରୁରେ ପରିଚାଳନା କରିବା ଏବଂ ନିରାପଦ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରିବାରେ ତାଙ୍କ ଅବଦାନ ପାଇଁ ଡେପୁଟି ଜେନେରାଲ୍ ମ୍ୟାନେଜର (ସୁରକ୍ଷା) ପ୍ରଶଂସିତ ହୋଇଥିଲେ।

ସୁନ୍ଦରଗଡ଼ ଓକିଲ ସଂଘ ନିର୍ବାଚନ

# ନରେଶ ନାଏକ ସଭାପତି ନିର୍ବାଚିତ

**ସୁନ୍ଦରଗଡ଼, ୩୧।୩(ସମିସ)**

ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ନିର୍ଦ୍ଦେଶ କ୍ରମେ ୨୦୨୪-୨୫ ବର୍ଷ ପାଇଁ ସୁନ୍ଦରଗଡ଼ ଜିଲ୍ଲା ଓକିଲ ସଂଘ ନିର୍ବାଚନ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ସଭାପତି ଭାବେ ଯୁବ ଆଇନଜୀବୀ ନରେଶ କୁମାର ନାଏକ ନିର୍ବାଚିତ ହୋଇଛନ୍ତି। ନରେଶଙ୍କୁ ୧୩୪ ଭୋଟ ମିଳିଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁକାନ୍ତ କୁମାର ମହାପାତ୍ରଙ୍କୁ ୮୦ ଭୋଟ ମିଳିଛି। ଉପସଭାପତି ପଦରେ ନିରଜ ସାମନ୍ତରାୟ ବିଜୟୀ ହୋଇଛନ୍ତି। ନିରଜଙ୍କୁ ୧୩୬ ଭୋଟ ମିଳିଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁପ୍ରଭା ପଟେଲଙ୍କୁ ୭୯ ଭୋଟ ମିଳିଛି। ସମ୍ପାଦକ ଭାବେ ଅଶୋକ କୁମାର ସ୍ୱାଇଁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦୀର୍ଘ ୨୬ ବର୍ଷର ଅଭିଜ୍ଞତା ଥିବା ସଫଳ ଆଇନଜୀବୀ ବିଭୋର କୁମାର ପଟେଲଙ୍କୁ ମାତ୍ର ୮ ଭୋଟ ବ୍ୟବଧାନରେ ପରାଜିତ କରି ପଞ୍ଚମ ଥର ପଦ ହାତେଇଛନ୍ତି। ଅଶୋକଙ୍କୁ ୧୧୨ ଭୋଟ ମିଳିଥିବା ବେଳେ ବିଭୋରଙ୍କୁ ୧୦୪ ଭୋଟ ମିଳିଛି। ଯୁଗ୍ମ ସମ୍ପାଦକ ଭାବେ ବାଦଲ ଚୌଧୁରୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଇଛନ୍ତି। କୋଷାଧ୍ୟକ୍ଷ ପଦରେ ସରିତା ପଟେଲ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବାସୁଦେବ ପାଣ୍ଡେଙ୍କୁ ପରାଜିତ କରି ବିଜୟୀ ହୋଇଛନ୍ତି। କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ପ୍ରଶାନ୍ତ କୁମାର ପଟେଲ, ପ୍ରେମ କୁମାର, ଗୌତମ ହାତୀ, ରାଜେନ୍ଦ୍ର ବେକ, ସୁଶାନ୍ତ ସେଠୀ ଓ ପାଞ୍ଚଟି କଲ୍ୟାଣ କମିଟି ସଦସ୍ୟ ଭାବେ ନମିତା ନାଏକ, ଅଞ୍ଜନା ସାହୁ, ରବୀନ୍ଦ୍ର ମାଳି, ସଞ୍ଜୟ ପଟେଲ, ମାନସ ପଣ୍ଡା ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ଅରୁଣ କୁମାର ପଟେଲ ଓ ପୁରୁଷୋତ୍ତମ ପ୍ରଧାନ ନିର୍ବାଚନ ପରିଚାଳନା କରିଥିବା ବେଳେ ବୁଧଦେବ ନାଏକ, ମନୋଜ ମହାରଣା, ନିହାର ରଞ୍ଜନ ରଥ, ସୁନୀଲ ପଟେଲ, ଶୟନ ରଞ୍ଜନ ନନ୍ଦୀ ସହଯୋଗ କରିଥିଲେ।

● ପଞ୍ଚମ ଥର ସମ୍ପାଦକ ହେଲେ ଅଶୋକ ସ୍ୱାଇଁ


ଅଶୋକ ସ୍ୱାଇଁ


ନରେଶ ନାଏକ

## ଯୁବ ବିଜେଡି ପଞ୍ଚାୟତ ସଭାପତିଙ୍କ ନାମ ଘୋଷିତ

**ସୁନ୍ଦରଗଡ଼, ୩୧।୩(ସମିସ):** ତଳସରା ନିର୍ବାଚନ ମଣ୍ଡଳୀରେ ବିଜେଡିକୁ ଅଧିକ ସଙ୍ଗଠିତ ଓ କ୍ରିୟାଶୀଳ କରିବା ପାଇଁ ଜିଲ୍ଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ ଲେଫ୍ରିପଡ଼ା ବ୍ଲକର ସମସ୍ତ ପଞ୍ଚାୟତର ନୂତନ ସଭାପତିଙ୍କ ନାମ ଅନୁମୋଦନ କରିଛନ୍ତି। ରମେଶ ଭୋଇ ରାଜବାହାଲ, ଯଶ୍ମିତ ସାହୁ ଡୁମାବାହାଲ, ଚନ୍ଦନ ବାରିକ ସରଫଗଡ଼, ଫ୍ରାନ୍ସିସ ବାଡ଼ା ମଶାବିରା, ପ୍ରଦୀପ ତିର୍କି ଗୁଣ୍ଡିଆଡିହି, ସୁଶିଲ ଲାକ୍ରା ହୁର୍ମେଇ, ସୃଷ୍ଟି ଶଙ୍କରିଆ ଗିରିଙ୍ଗକେଲା, ତୁଳା କିସପଟ୍ଟା ଆଲାପକା, ବିଜୟନନ୍ଦ ସା ଲେଫ୍ରିପଡ଼ା, ସମୀର ଭୋଇ କୁଲାବିରା, ପ୍ରତାପ ମାଝୀ ରାଏଡିହି, ଗୋପାଳ ଭୈଷାଲ ରାଏବଗା, ଭେଷଜ ତାଣ୍ଡିଆ ଦର୍ଲିପାଲି, ଚୈତନ୍ୟ ସାହୁ ବଡ଼ବଙ୍ଗା, ରିତିକ ପଶାୟତ ଛଟେନପାଲି, ଗୌରବ ସିଂହ ସର୍ଗିପାଲି ଓ ଜୟନ୍ତ ମାଝୀ ଝୁରିମାଲ ପଞ୍ଚାୟତ ଯୁବ ବିଜେଡି ସଭାପତି ହୋଇଛନ୍ତି। ବ୍ଲକ ଯୁବ ବିଜେଡି ସଭାପତି ବୈଷ୍ଣବ ମାଝୀ ଉକ୍ତ ପଞ୍ଚାୟତ ସଭାପତିଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରିଥିବା ବେଳେ ଅନୁମୋଦନ ତାଲିକାର ନକଲ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡ଼େଇ, ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଡ. ବ୍ୟୋମକେଶ ରାୟ, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ ଏବଂ ଜିଲ୍ଲା ବିଜେଡି ସଭାପତି ବିନୟ ଟପ୍ପୋଙ୍କ ପାଖକୁ ପଠାଇ ଦିଆଯାଇଛି।

## ପୁଅ ପୋଡ଼ିଦେଲା ବିଧବା ମା'ର ଘର

**ସୁନ୍ଦରଗଡ଼, ୩୧।୩(ସମିସ):** ଭଶ୍ମା ଥାନା ଅନ୍ତର୍ଗତ ରେମଣ୍ଡା ଗ୍ରାମର ଜଣେ ଯୁବକ ରବିବାର ନିଜ ବିଧବା ମା'ର ଘର ପୋଡ଼ିଦେଇଥିବା ଅଭିଯୋଗ ହୋଇଛି। ଗ୍ରାମର ଦଶମତି ଶାସିନୀଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟି ସାରିଛି। ଦଶମତି ଛେଳି ଚରାଇବାକୁ ଯାଇଥିବା ବେଳେ ତାଙ୍କ ପୁଅ କମଳକାନ୍ତ ଶାସିନୀ ଘରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ତାଙ୍କ ଘର ଏବଂ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଛି। ଦଶମତି ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ୫୫୦ କୁଣହାଁ ସମାଜର ଆଞ୍ଚଳିକ ଗୁଡ଼ି ଗଠିତ



**ବାଲିଶଙ୍କରା, ୩୧।୩(ସମିସ):** ବାଲିଶଙ୍କରା ବ୍ଲକ ତୁମୁଲିଆ ପଞ୍ଚାୟତ ସାପଡଗର ଗ୍ରାମରେ ସାପଡଗର ଗଙ୍ଗାଗୁଡ଼ି, କୁରୁମକେଲ ଗଙ୍ଗାଗୁଡ଼ି, ଛତାସର୍ଗି ଗଙ୍ଗାଗୁଡ଼ି, କରମଡିହି ଗଙ୍ଗାଗୁଡ଼ି, ବିରକାଲଡିହି ଗଙ୍ଗାଗୁଡ଼ି, ରାମପୁର ଗଙ୍ଗାଗୁଡ଼ି, ଜୁନାଡିହି ଗଙ୍ଗାଗୁଡ଼ି, ବସାଟାର ଗଙ୍ଗାଗୁଡ଼ି, ବରଡିହି ଗଙ୍ଗାଗୁଡ଼ି ଓ ଯାମଟୋଲି ଗଙ୍ଗାଗୁଡ଼ି ସଭାପତି, ସମ୍ପାଦକ, ମହିଳା ସଂଗଠନ ସଭାପତି, ସମ୍ପାଦକ ଓ ସଭ୍ୟମାନଙ୍କୁ ନେଇ ଏକ ଆଞ୍ଚଳିକ ଗୁଡ଼ି ଗଠନ କରାଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ କିସାନ ସମାଜ ଜିଲ୍ଲା ସଭାପତି ଜଗନ୍ନାଥ ଲାକଡ଼ା ଯୋଗଦେଇ ସମାଜର ରୀତିନୀତି, ଚାଲିଚଳନ, ସଂସ୍କୃତି ଉପରେ ମତ ରଖିଥିଲେ। ମିତ୍ର କିସାନ ସଭା ସଞ୍ଚାଳନ କରିଥିଲେ।

■ ସୁନ୍ଦରଗଡ଼ ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଜାତୀୟ, ଅନ୍ତର୍ଜାତୀୟ ଖେଳାଳି




**ରାଉରକେଲା, ୩୧।୩(ସମିସ):** ରାଉରକେଲା ସହର ସହ ସୁନ୍ଦରଗଡ଼ ଜିଲ୍ଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୀଡ଼ା ଭିତ୍ତିଭୂମିର ବ୍ୟାପକ ବିକାଶ କରାଯାଇଛି। ଏଥିପାଇଁ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରର ଖେଳାଳି ଖୁସି ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ରାଉରକେଲା ସହରର ସେକ୍ଟର-୨ ମାକ୍ସମୁଲାର ଭବନରେ ଚନ୍ଦ୍ରଶେଖର କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ବାର୍ଷିକ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭାରେ ଦେଢ଼ଶହରୁ ଅଧିକ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଜିଲ୍ଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା କ୍ରୀଡ଼ା ଭିତ୍ତିଭୂମିର ବିକାଶ କାର୍ଯ୍ୟକୁ କ୍ରୀଡ଼ାବିତମାନେ ସ୍ୱାଗତ କରିଥିଲେ। ଏହି ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭାରେ ଗୌହାଟୀଠାରେ ଅନୁଷ୍ଠିତ ଖେଲୋ ଇଣ୍ଡିଆରେ ପଦକ ପାଇଥିବା ୫ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ରାଜ୍ୟ ସରକାରଙ୍କ ପକ୍ଷରୁ ରାଉରକେଲାରେ ବିଶ୍ୱର ସର୍ବବୃହତ ହକି ଷ୍ଟାଡିୟମ୍ ନିର୍ମାଣ କରି ସଫଳତାର ସହ ହକି ବିଶ୍ୱକପ ଆୟୋଜନ କରାଯାଇଛି। ଏହାସହ ରାଉରକେଲାରେ ଆନ୍ତର୍ଜାତିକ ସ୍ତରର ଆଥଲେଟିକ ଓ ଫୁଟବଲ ଷ୍ଟାଡିୟମ୍ ନିର୍ମାଣ କରାଯିବା ସହିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ନିକଟରେ ଇନ୍‌ଡୋର ଷ୍ଟାଡିୟମ୍ ନିର୍ମାଣ କରାଯାଇଛି। ରାଉରକେଲା ସହର ପାନପୋଷଠାରେ ଅନ୍ତର୍ଜାତୀୟ ସ୍ତରର ଇନ୍‌ଡୋର ଷ୍ଟାଡିୟମ୍ ନିର୍ମାଣ କରାଯାଇଛି। ସୁନ୍ଦରଗଡ଼ ଜିଲ୍ଲାର ୧୭ ବ୍ଲକରେ ୧୭ଟି ଆଷ୍ଟ୍ରୋ ଟର୍ଫ ଷ୍ଟାଡିୟମ୍ ସହିତ ହକି ତାଲିମ କେନ୍ଦ୍ର ନିର୍ମାଣ କରାଯାଇଛି। ଜାତୀୟ ସ୍ତରର ପୂର୍ବତନ ଫୁଟବଲ ଖେଳାଳି ସଞ୍ଜୟ ବାବୁଟା, ଆନ୍ତର୍ଜାତିକ ସାଇକଲ ଅଫିସିଆଲ ରଶ୍ମି ଚରଣ ସାହୁ, ବରିଷ୍ଠ ଖେଳାଳି ନୃସିଂହ ଚରଣ ସାହୁ, ସସ୍ମିତା ଦାସ, ସୁଭଜା ବଡ଼ଜେନା, ଉଦୀୟମାନ ଖେଳାଳି ଆଶା ମୁଣ୍ଡାରୀ, ମାଷ୍ଟର ଆଥଲେଟ ଅଶୋକ ବିଶ୍ୱାଳ ପ୍ରମୁଖ କ୍ରୀଡ଼ା ଭିତ୍ତିଭୂମିର ବ୍ୟାପକ ବିକାଶ କାର୍ଯ୍ୟ ପାଇଁ ଖୁସି ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ସୁନ୍ଦରଗଡ଼ ସହିତ ସମଗ୍ର ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ବ୍ୟାପକ ବିକାଶ କରିଥିବାରୁ ଆଗାମୀ ଦିନରେ ଓଡ଼ିଶାର ବହୁ ଖେଳାଳି ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ପଦକ ହାସଲ କରି ସଫଳତା ହାସଲ କରିବେ ବୋଲି ଖେଳାଳିମାନେ ଆଶା ପ୍ରକାଶ କରିଛନ୍ତି।

# ବିଜେଡିର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ

**ସୁନ୍ଦରଗଡ଼/ହେମଗିରି, ୩୧।୩(ସମିସ):** ହେମଗିରି ବ୍ଲକ ବିଜେଡି ପକ୍ଷରୁ ବ୍ଲକ ସଭାପତି ସୁକାନ୍ତ ପତିଙ୍କ ଅଧ୍ୟକ୍ଷତାରେ ହେମଗିର (ଖ) ଜିଲ୍ଲା ପରିଷଦ ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ହେମଗିରି ରାଜବାଟୀ ପରିସରରେ ଆୟୋଜିତ ଉକ୍ତ କର୍ମୀ ସମ୍ମିଳନୀରେ ଦଳର ସୁନ୍ଦରଗଡ଼ ଲୋକସଭା ପ୍ରାର୍ଥୀ ପଦ୍ମଶ୍ରୀ ଦିଲୀପ ତିର୍କୀ ଏବଂ ଆମ ଓଡ଼ିଶା, ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ ଅତିଥି ଭାବେ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନରେ ଦଳୀୟ ସାଂସଦ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବା ପାଇଁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ, ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ହେମଗିରି ଜିଲ୍ଲା ପରିଷଦ ସଭ୍ୟା ମହିମା ସେଠ୍, ଜିଲ୍ଲା ବିଜୁ କୃଷକ ଜନତା ଦଳ ସଭାପତି ଗୋପାଳ ପ୍ରଧାନ, କାଶୀନାଥ ରାଉତ, ଜଗଦୀଶ ଦେବ, ହିମାଂଶୁ ଶେଖର ଷଡ଼ଙ୍ଗୀ, ପ୍ରିୟଙ୍କା ଜେନା, ଏସଜିସି ସଭ୍ୟା ମୈଥିଳି ବେହେରା, ରୀନା ମାଝୀ, ଉପେନ୍ଦ୍ର ଭୋଇ, କଳାକାହ୍ନୁ ମେହେର, ପ୍ରମୋଦ ପତି, ପ୍ରକାଶ ବହିଦାର, ଶାନ୍ତ ଧୂଆ, ଶୈଳେଶ କୁମାର ନାଏକ, ବିଜୁ ପ୍ରଧାନ, ବିଜୟ ବେହେରା, ସୁମନ୍ତ ସାହୁ ପ୍ରମୁଖ ଯୋଗଦେଇ ସମସ୍ତ ଦଳୀୟ ନେତା, କର୍ମୀ ସଙ୍ଗଠିତ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠା ଟାଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ୨ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।






## ଶ୍ରୀ ମହାବୀର ଆଖଡ଼ାର ପତାକା ପୂଜା



**ରାଉରକେଲା, ୩୧।୩(ସମିସ):** ଶ୍ରୀରାମ ନବମୀ ଶୋଭାଯାତ୍ରା ପାଇଁ ଚାଲିଥିବା ପ୍ରସ୍ତୁତି ମଧ୍ୟରେ ସହରର ପୁରାତନ ଆଖଡ଼ା ମଧ୍ୟରୁ ବିଶ୍ରାଛକସ୍ଥିତ ମହାବୀର ଆଖଡ଼ାର ପତାକା ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ସହ ପତାକା ପୂଜା କରାଯାଇଥିଲା। ଏହାସହ ଆଖଡ଼ାର ଅସ୍ତ୍ର ମଧ୍ୟ ପୂଜା କରାଯାଇଥିଲା। ବାଡ଼ି ଓ ଖଣ୍ଡା ଖେଳ ପ୍ରଦର୍ଶନ କରାଯାଇଥିଲା। ଉକ୍ତ ଛକରୁ ପତାକା ଶୋଭାଯାତ୍ରା ବାହାରି ବସଷ୍ଟାଣ୍ଡ ଦେଇ ମୁଖ୍ୟ ରାସ୍ତାରେ ପହଞ୍ଚିଥିଲା। ସେଠାରେ ପତାକା ଲଗାଯାଇଥିଲା। ଆସନ୍ତା ଏପ୍ରିଲ ୧୮ରେ ପ୍ରଭୁ ଶ୍ରୀ ରାମଙ୍କ ମନ୍ଦିର ପ୍ରାଣପ୍ରତିଷ୍ଠା ଅବସରରେ ଏକ ବଡ଼ ଆଖଡ଼ା ଶୋଭାଯାତ୍ରା କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ଏହି ଅବସରରେ ବିଜେଡି ନେତ୍ରୀ ମିନତି ଦେବତା, ବିଜେପି ନେତା ନିହାର ରାୟ, ଯୁବନେତା ଯଶବିନ୍ଦର ସିଂ ଗୋଲ୍ଡି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କମିଟିର ଜଗନ୍ନାଥ ଶର୍ମା, ବୀରେନ ପତି, ଉମେଶ ଶାହ, ଧର୍ମନାଥ ଜୟସ୍ୱାଲ, ନାଗେଶ୍ୱର ପ୍ରଧାନ, ବାବୁ ଗୁପ୍ତା, ଶ୍ୟାମଲାଲ ଚକ୍ରବର୍ତ୍ତୀ, ରାଜୁ ଶର୍ମା, ସୁଜିତ ଚୌଧୁରୀ, ସନ୍ତୋଷ ସିଂ, ରାକେଶ ଚକ୍ରବର୍ତ୍ତୀ, ଗୌତମ ସାଓ, ହରପାଲ ସିଂ ପାଲୀ, ତଲବିନ୍ଦର ସିଂ ବଲୀ, ଭଜନନାଥ ଶର୍ମା, ଅମନ ଗୁପ୍ତା, ଅର୍ଜୁନ ସେଠ, କମଲେଶ ଗୁପ୍ତା, ବିକାଶ ଶତପଥୀ, ପ୍ରିନ୍ସ ସିଂ, ଦୀପ ସିଂ, ସୂରଜ ଦେବ ଶର୍ମା, ଅଜୟ ଗୁପ୍ତା ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଅଘରିଆ ସମାଜର ଦେଉଳି ଗୁଡ଼ି ପୁନର୍ଗଠିତ



**ସୁନ୍ଦରଗଡ଼, ୩୧।୩(ସମିସ):** ଅଖିଳ ଭାରତୀୟ ଅଘରିଆ ସମାଜର ଦେଉଳି ଗୁଡ଼ି ପୁନର୍ଗଠିତ ହୋଇଛି। ରବିବାର ଅପରାହ୍ନରେ ମଣ୍ଡଳ ସଭାପତି ତଥା ପର୍ଯ୍ୟବେକ୍ଷକ ପ୍ରଦୀପ କୁମାର ନାଏକଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ ଦେଉଳି ଗୁଡ଼ି ଅନ୍ତର୍ଗତ ପ୍ରତ୍ୟେକ ଗ୍ରାମର ପ୍ରତିନିଧି ମଣ୍ଡଳୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ବେଣୁଧର ଚୌଧୁରୀ, ଉପ ସଭାପତି ଲାଲମଣି ନାଏକ, ସମ୍ପାଦକ ଶ୍ରୀଧର କୁମାର ନାଏକ, ସହ ସମ୍ପାଦକ ପ୍ରଦୀପ ଚୌଧୁରୀ ଓ କୋଷାଧ୍ୟକ୍ଷ ସନତ କୁମାର ପଟେଲ ରହିଛନ୍ତି। ସେହିପରି ଯୁବ ପ୍ରତିନିଧି ଆଦିତ୍ୟ ନାଏକ, ମହିଳା ପ୍ରତିନିଧି ରଚନା ପଟେଲ, ଉପଦେଷ୍ଟା ଚୂଡ଼ାମଣି ନାଏକ, ବିପିନ ବିହାରୀ ପଟେଲ, କାର୍ତ୍ତିକ ପଟେଲ, ଲିଙ୍ଗରାଜ ପଟେଲ, ଜଗତବନ୍ଧୁ ପଟେଲ ରହିଛନ୍ତି। ମଣ୍ଡଳ ସମ୍ପାଦକ ଭିକାରୀ ଚରଣ ଚୌଧୁରୀ ସଭା ପରିଚାଳନା କରିଥିଲେ।

# ସୁନ୍ଦରଗଡ଼ ଲକ୍ଷେଘର ସମାଜର ନଗର ମଣ୍ଡଳ ଗଠିତ

**ସୁନ୍ଦରଗଡ଼, ୩୧।୩(ସମିସ)**



ସୁନ୍ଦରଗଡ଼ ଲକ୍ଷେଘର ସମାଜର ନଗର ମଣ୍ଡଳ ଗଠନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଜିଲ୍ଲା ଲକ୍ଷେଘର ସମାଜ ସଭାପତି ପ୍ରଫୁଲ୍ଲ ସୁନ୍ୟାନି ଏଥିରେ ଅଧ୍ୟକ୍ଷତା କରି ସମାଜକୁ ଏକଜୁଟ କରିବା ସହ ଲୋକଙ୍କ ସମସ୍ୟା ଦୂର କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସୁନ୍ଦରଗଡ଼ ନଗର ସଭାପତି ସୁନୀଲ ମହାନନ୍ଦିଆ ଆଗାମୀ ଦିନରେ ସମାଜର ଶିକ୍ଷିତ ଯୁବକଙ୍କୁ ଆଗକୁ ବଢ଼ିବା ପାଇଁ ସହଯୋଗ କରିବା, ଉଚ୍ଚଶିକ୍ଷା ଉପଲବ୍ଧ କରାଇବା ଓ ବେରୋଜଗାର ଯୁବକଙ୍କୁ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଉପଦେଷ୍ଟା ବିଶ୍ୱଜିତ୍ ତନ୍ତୀ ସମାଜର ବିକାଶ ଓ ଏକତା ଉପରେ ଜୋର ଦେଇଥିଲେ। ଜିଲ୍ଲା ଲକ୍ଷେଘର ସମାଜ କାର୍ଯ୍ୟକାରୀ ସଭାପତି ଲବଣୀଧର ବାଗ, ସାଧାରଣ ସମ୍ପାଦକ ଲଳିନ୍ଦ୍ର ସିଂ, ସହ ସମ୍ପାଦକ ସୁଶୀଲ ବାଗ ଉପସ୍ଥିତ ଥିଲେ। ଜିଲ୍ଲା କୋଷାଧ୍ୟକ୍ଷ ଡିଲେଶ୍ୱର ଜୟପୁରିଆ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ଉପ ସଭାପତି ରାଜା କାକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସୁନ୍ଦରଗଡ଼ ନଗର କମିଟି ଗଠନ କରାଯାଇଥିଲା। ସୁନିଲ ମହାନନ୍ଦିଆ ସଭାପତି, କାଲୋ ସିଂ କାର୍ଯ୍ୟକାରୀ ସଭାପତି, ମହେଶ ତନ୍ତୀ ସାଧାରଣ ସମ୍ପାଦକ, ମୋନୁ ତନ୍ତୀ ଓ ସୁରେନ୍ଦ୍ର ତାଣ୍ଡିଆ ଉପସଭାପତି, ଛବିରାଜ୍ ଜୟପୁରିଆ, ସୋନୁ ସୁନ୍ୟାନି, ସଚିନ ତାଜନ, ଖିତେନ୍ଦ୍ର ବାଦି, ଅମର ସୁନ୍ୟାନି ସହ ସମ୍ପାଦକ ରହିଛନ୍ତି। ଆଜାଦ ବାଗ, ଅମିତ୍ ପାଣ୍ଡବ, ରବି ମହାନନ୍ଦିଆ, ଉପଦେଷ୍ଟା ଚନ୍ଦ୍ରଭାନୁ କାକ, ଶ୍ରୀକୃଷ୍ଣ ଜୟପୁରିଆ, ଟଙ୍କଧର ବାଗ, ଶଶେନ୍ଦ୍ର କଂସାରୀ ୱାର୍ଡ ପ୍ରମୁଖ ଓ ରଞ୍ଜିତ ବୁଢ଼ା, ଦେବା ବୁଢ଼ା, ସନୋଜ ମହାନନ୍ଦ, ରାଜ ସିଂ, ବିଶ୍ୱଜିତ୍ ବାଦି, ବିକ୍ରମ ବାଦି, ପ୍ରତାପ ଜୟପୁରିଆ ପ୍ରମୁଖ କାର୍ଯ୍ୟକର୍ତ୍ତା ରହିଛନ୍ତି। ମହିଳା ମୋର୍ଚ୍ଚା ମଣ୍ଡଳ ଟିମ୍‌ରେ ସଭାପତି ଉର୍ମିଳା ଗନ୍ଧା, ସାଧାରଣ ସମ୍ପାଦକ ତପେଇ ବାଗ, ଉପସଭାପତି ମଞ୍ଜୁ ବାଦି, ଚିତ୍ରା ସୁନ୍ୟାନି, ସୁମିତା ତନ୍ତୀ, ସହସମ୍ପାଦକ ମିନତି ପାତ୍ର, ପଦ୍ମିନୀ ସୁନ୍ୟାନି, କସ୍ତୁରୀ କାକ, ତ୍ରିଲୋଚନ ମହାନନ୍ଦ, ମମତା ଗର୍ଡ଼ିଆ, କୁନି ଛତ୍ରାନ୍, କୋଷାଧ୍ୟକ୍ଷ ବବିତା ମହାନନ୍ଦ, ପ୍ରମୁଖ କାର୍ଯ୍ୟକର୍ତ୍ତା ପ୍ରଭାସିନୀ ସିଂ, ରଜନୀ ଲାରିଆ, ସୁମିତା ରାନି ତନ୍ତୀ, ସୁରେଖା ତନ୍ତୀ, ସୋନି କାକ, ଜୟନ୍ତୀ ସୁନ୍ୟାନି ମନୋନୀତ ହୋଇଛନ୍ତି।

■ ଅମସରଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ବିଦ୍ୟାଳୟରୁ ହିଁ ଗାଁର ଭବିଷ୍ୟତ ନିର୍ଦ୍ଧାରଣ ହୋଇଥାଏ'




**ସୁନ୍ଦରଗଡ଼, ୩୧।୩(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ ଅମସରଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଙ୍ଗାଧର ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ସମାଜସେବୀ ନବୀନ କୁମାର ସା ମୁଖ୍ୟଅତିଥି, ଗୌନ୍ତିଆ ବୀରକିଶୋର ଶେଖର ଦେଓ, ଶିକ୍ଷାବିତ ବିନୋଦ ନାଏକ, ପରିବେଶପ୍ରେମୀ ଘନଶ୍ୟାମ ରଣା, ସମାଜସେବୀ ରମାକାନ୍ତ ପ୍ରଧାନ, ସମାଜସେବୀ ମଞ୍ଜୁଲତା ନାଏକ, ସମାଜସେବୀ ସୀତା ପ୍ରଧାନ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ହିରୁ ନାଏକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଦ୍ୟାଳୟରୁ ହିଁ ଗାଁର ଭବିଷ୍ୟତ ନିର୍ଦ୍ଧାରଣ ହୋଇଥାଏ ବୋଲି ଏହି ଅବସରରେ ଅତିଥିମାନେ ମତପ୍ରକାଶ କରିବା ଏହାର ବିକାଶ ଆମ ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ ବୋଲି କହିଥିଲେ। ସହକାରୀ ଶିକ୍ଷକ ନବୀନ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପଟେଲ ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅତିଥିମାନେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଦିବ୍ୟଲୋଚନ ନାଏକ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଟଙ୍କଧର ନାଏକ, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜନା ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ● ଲୋକେ ଜାଣି ପାରିଲେନି, ପ୍ରଚାର ପ୍ରସାରର ଅଭାବ

# ରବିବାର ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଖୋଲା




**କେସିଙ୍ଗା, ୩୧।୩(ସମିସ):** ମାର୍ଚ୍ଚ ମାସ ଶେଷ ସପ୍ତାହ ହୋଲି, ଗୁଡଫ୍ରାଇଡେ ସବୁ ରାଷ୍ଟ୍ରୀୟ ଛୁଟିକୁ ଦୃଷ୍ଟିରେ ରଖି ରିଜର୍ଭ ବ୍ୟାଙ୍କ ପକ୍ଷରୁ ରବିବାର ସମସ୍ତ ରାଷ୍ଟ୍ରାୟତ ବ୍ୟାଙ୍କ ଖୋଲା ରହି ଦେନଲେଣ କାରବାର ହେବ ବୋଲି ସୂଚନା ଦିଆଯାଇଥିଲା। ହେଲେ ପ୍ରଚାର ପ୍ରସାର ଅଭାବ ହେତୁ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଜନସାଧାରଣ ରବିବାର ବ୍ୟାଙ୍କ ଖୋଲା ବୋଲି ଜାଣି ନ ଥିଲେ। ସେଥି ପାଇଁ ରବିବାର ବ୍ୟାଙ୍କ ଖୋଲା ଥିଲେ ମଧ୍ୟ ଉପଭୋକ୍ତା ନ ଥିବା ଦେଖା ଯାଇଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କ କେସିଙ୍ଗା ମୁଖ୍ୟ ଶାଖାରେ ବ୍ୟାଙ୍କ ବାକି ଦିନ ରାସ୍ତା ଜାମ ସହିତ ଭିତରେ ପାଦ ରଖିବା ପାଇଁ ଜାଗା ନ ଥାଏ। ସେଇଠି ରବିବାର ଦିନ ବ୍ୟାଙ୍କ ଭିତରେ କେବଳ ବ୍ୟାଙ୍କ କର୍ମଚାରୀମାନଙ୍କୁ ଦେଖିବାକୁ ମିଳିଥିଲା। ସେମିତି ସହରରେ ଅବସ୍ଥିତ ଅନ୍ୟ ବ୍ୟାଙ୍କମାନଙ୍କ ଅବସ୍ଥା ମଧ୍ୟ ସେମିତି ଥିଲା। ଆର୍ଥିକ ବର୍ଷର ଆଜି ଶେଷ ଦିନ ହୋଇଥିବାରୁ ରାଷ୍ଟ୍ରାୟତ ବ୍ୟାଙ୍କ ଗୁଡ଼ିକ ରବିବାର କାର୍ଯ୍ୟକ୍ଷମ ରହିଥିଲା। ଦିନ ଥାଉ ଥାଉ ପ୍ରଚାର ପ୍ରସାର ଟିକେ ହୋଇଥିଲେ ଉପଭୋକ୍ତା ରବିବାର ସୁବିଧା ପାଇଥାନ୍ତେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ମହିଳାଙ୍କ ଘରୁ ଚୋରି, ୨ ଗିରଫ

**ସୁନ୍ଦରଗଡ଼, ୩୧।୩(ସମିସ):** ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ପଣସପଡ଼ାର ଜଣେ ମହିଳାଙ୍କ ଘରୁ ଚୋରି ମାମଲାରେ ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଘାଷିପଡ଼ାର ଅବିନାଶ ସାଗର (୨୨) ଓ ପଣସପଡ଼ାର ଅଭିଷେକ ସାହୁ (୨୪)। ଅଭିଯୁକ୍ତ ଦ୍ୱୟ ଗତ ୨ ତାରିଖ ମାଥିଲତା ମିଞ୍ଜଙ୍କ ଝରକା ପଟେ ଘର ଭିତରକୁ ପଶି ୧୩ ହଜାର ଟଙ୍କା ଚୋରାଇ ନେଇଥିଲେ। ଏ ନେଇ ମାଥିଲତା ଥାନାରେ ଏତଲା ଦେବା ପରେ ପୁଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ବାଘ ଆତଙ୍କ ଚର୍ଚ୍ଚାକୁ ନେଇ ବନବିଭାଗ ନାକେଦମ

**ଲହୁଣୀପଡ଼ା, ୩୧।୩(ସମିସ)**



ଲହୁଣୀପଡ଼ା ଅଞ୍ଚଳର ବିଭିନ୍ନ ଗ୍ରାମରେ ବାଘ ବୁଲୁଥିବା ଚର୍ଚ୍ଚାକୁ ନେଇ ବନବିଭାଗ କର୍ମଚାରୀ ନାକେଦମ ହୋଇଛନ୍ତି। ଗତ ୨ ଦିନ ହେଲା ଅଞ୍ଚଳରେ ବାଘ ଏକ ପୋଲ ପାରି ହେଉଥିବା ଭିଡିଓ ଭାଇରାଲ କରାଯାଇ ଅଞ୍ଚଳରେ ବାଘ ବୁଲୁଥିବା ପ୍ରଚାର କରାଯାଇଛି। ଫଳରେ ଉକ୍ତ ଅଞ୍ଚଳର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଅନ୍ୟପଟେ ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଛାନଭିନ କରାଯାଇଛି।

ଲହୁଣୀପଡ଼ା ବ୍ଲକ ଶଙ୍ଖପୋଷ ପଞ୍ଚାୟତ ନନ୍ଦାପଡ଼ା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ବାଘ ବୁଲୁଥିବା କେତେକ ଲୋକ ପ୍ରଚାର କରିଥିଲେ। ଅନ୍ୟ କେତେକ ଲୋକ ନିକଟସ୍ଥ ଘୁଷୁରୀପୋଷ ଓ ଭାଲିଆଡିହି ଅଞ୍ଚଳରେ ବାଘ ବୁଲୁଥିବା କହିଥିଲେ। ଅନ୍ୟପକ୍ଷେ ଟେଟେଙ୍ଗାଗିଳା ଗ୍ରାମ ନିକଟ ଜଙ୍ଗଲରେ ଦୁଇଦିନି ପୂର୍ବେ ଏକ ଗାଇ କୌଣସି କାରଣରୁ ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ଗାଇକୁ ଉକ୍ତ ବାଘ ମାରିଛି ବୋଲି ଚର୍ଚ୍ଚା ହୋଇଥିଲା। ସେହିପରି ରବିବାର ନନ୍ଦାପଡ଼ା ଓ ଟକରା ଗ୍ରାମର ମଧ୍ୟଭାଗରେ ଥିବା ବାବେହୁଡ଼ି ଜଙ୍ଗଲରେ ଦିନତମାମ ବାଘ ଲୁଚିରହିଛି ବୋଲି କେହି କେହି ପ୍ରଚାର କରିଥିଲେ। ଫଳରେ ବନବିଭାଗକୁ ନାକେଦମ ହେବାକୁ ପଡ଼ିଛି।

ଏ ସମ୍ପର୍କରେ ବାଙ୍କୀ ରେଞ୍ଜ ରାଜାମୁଣ୍ଡା ସେକ୍ସନ କର୍ମଚାରୀଙ୍କୁ ଯୋଗାଯୋଗ କରିବାରୁ କହିଲେ, ବାଘ ବୁଲୁଥିବା ଖବର ଆମ ନିକଟକୁ ମଧ୍ୟ ଆସୁଛି। ବନ ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ବିଭିନ୍ନ ସ୍ଥାନରେ ଛାନଭିନ କରିଥିଲେ ସୁଦ୍ଧା କୌଣସି ପ୍ରକାର ଚିହ୍ନ କିମ୍ବା ସଙ୍କେତ ମିଳିପାରି ନାହିଁ। ଯେପର୍ଯ୍ୟନ୍ତ ବାଘର ପାଦଚିହ୍ନ କିମ୍ବା ଅନ୍ୟ କୌଣସି ସଙ୍କେତ ନ ମିଳିଛି ସେପର୍ଯ୍ୟନ୍ତ ଏହା ଏକ ଗୁଜବ କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ବାଘ ଆତଙ୍କ ଗୁଜବକୁ ନେଇ କୁଳିପୋଷ, କେବଲାଙ୍ଗ, ବରସୁଆଁ, ମହୁଲପଦା ବନ କର୍ମଚାରୀଙ୍କୁ ମଧ୍ୟ ନାକେଦମ ହେବାକୁ ପଡ଼ିଛି। ଯଦି ଏହା ଗୁଜବ ହୋଇଥାଏ ତେବେ ଗୁଜବକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ ବଣାଇଁ ବନଖଣ୍ଡ ଅଧୀନ ବରସୁଆଁ ବନାଞ୍ଚଳ ଚୋରଧରା ସେକ୍ସନ ତୋଡ଼ା ସଂରକ୍ଷିତ ଜଙ୍ଗଲରେ ବାଘ ବୁଲୁଥିବା ବନ ବିଭାଗ ଟ୍ରାପ୍ କ୍ୟାମେରାରେ ଫଟୋ କଏଦ ହୋଇଥିଲା।

## ● ଜୟପାଟଣା ଓକିଲ ସଂଘର ନୂତନ କର୍ମକର୍ତ୍ତା

# ଗଙ୍ଗାଧର ସଭାପତି ଓ ସୌମ୍ୟରଞ୍ଜନ ସମ୍ପାଦକ



**ଜୟପାଟଣା, ୩୧।୩(ସମିସ):** ଜୟପାଟଣା ଓକିଲ ସଂଘ ନିର୍ବାଚନରେ ଆଇନଜୀବୀ ଭାବେ ଗଙ୍ଗାଧର ପାତ୍ର ଏବଂ ସମ୍ପାଦକ ଭାବେ ସୌମ୍ୟ ରଂଜନ ହୋତା ବିଜୟୀ ହୋଇଛନ୍ତି। ଏହାଛଡ଼ା କେଦାର ନାଥ ସାହୁ ଯୁଗ୍ମ ସମ୍ପାଦକ, ପଦ୍ମଚରଣ ନାଏକ ଉପ ସଭାପତି, ଆଶୀଷ କୁମାର ପଣ୍ଡା କୋଷାଧ୍ୟକ୍ଷ, ତପନ କିରଣପାଢ଼ୀ, ରଞ୍ଜିତ କୁମାର ମୁଣ୍ଡ, ଉତ୍କଳ କେଶରୀ ଠାକୁର, ମଧୁ ମଙ୍ଗଳ ପଣ୍ଡା, ମନୋରଞ୍ଜନ ସିଂ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ରଜନୀକାନ୍ତ ପଣ୍ଡା ଦାୟିତ୍ୱ ତୁଲାଇ ଥିଲେ। ଜୟପାଟଣା ଓକିଲ ସଂଘର ୨୮ ଜଣ ସଦସ୍ୟ ଭୋଟ ଦେଇଥିଲେ।

# ୧୨ରେ କେସିଙ୍ଗା ବ୍ରାହ୍ମଣ ପରିବାର ପକ୍ଷରୁ ସାମୂହିକ ବ୍ରତୋପନୟନ

**କେସିଙ୍ଗା, ୩୧।୩(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ରାହ୍ମଣ ପରିବାର ପକ୍ଷରୁ ଆସନ୍ତା ଚୈତ୍ର ଶୁକ୍ଳପକ୍ଷ ଚତୁର୍ଥୀ ୧୨ ତାରିଖ ଶୁକ୍ରବାର ଦିନ ସ୍ଥାନୀୟ କେସିଙ୍ଗା ପୁଲିସ ଷ୍ଟେସନ ସମ୍ମୁଖରେ ଥିବା ଅଗ୍ରସେନ୍ ଭବନଠାରେ ବୈଦିକ ରୀତିରେ ପ୍ରଥମ ଥର ପାଇଁ ଏକ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ ହୋଇଛି। ଏପ୍ରିଲ ୧୧ ତାରିଖ ଗୁରୁବାର ସକାଳ ୯ ଘଟିକାରେ ଅଧିବାସ ଓ ଅପରାହ୍ନ ୨ ଘଣ୍ଟା ସମୟରେ ଚାରି କର୍ମ ଆରମ୍ଭ ହେବ। ସେହିପରି ଶୁକ୍ରବାର ୧୨ ତାରିଖ ସକାଳ ୧୦ଟାରୁ ଅପରାହ୍ନ ୩ଟା ମଧ୍ୟରେ ସାବିତ୍ରୀ ପ୍ରଦାନ ଓ ପୂର୍ଣ୍ଣାହୁତି ହେବ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ କେସିଙ୍ଗା ବ୍ରାହ୍ମଣ ସମାଜ ସଭାପତି ପ୍ରଦୀପ କୁମାର ରଥ ପ୍ରକାଶ କରିବା ସହିତ ଅଞ୍ଚଳରେ ବ୍ରାହ୍ମଣ ପରିବାରର ବ୍ରତୋପନୟନ ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ବିଶେଷ ଆଗରୁ ଆସି କେସିଙ୍ଗା ବ୍ରାହ୍ମଣ ସମାଜର ନିର୍ଦ୍ଦିଷ୍ଟ ଆବେଦନ ଫର୍ମରେ ନିଜର ବିବରଣୀ ପୂରଣ କରି ନିଜର ପଞ୍ଜିକରଣ ସହ ନିଜର ସ୍ଥାନ ସଂରକ୍ଷିତ କରିପାରିବେ ବୋଲି ପ୍ରକାଶ କରିଛନ୍ତି। ୧୨ ତାରିଖରେ ଅଞ୍ଚଳର ସମସ୍ତ ବ୍ରାହ୍ମଣ ସମାଜର ସପରିବାର ଅଗ୍ରସେନ ଭବନରେ ଉପସ୍ଥିତ ରହି ବ୍ରହ୍ମଚାରୀମାନଙ୍କୁ ଆର୍ଶୀବାଦ ପ୍ରଦାନ କରିବା ପାଇଁ ସଭାପତି ଅନୁରୋଧ କରିଛନ୍ତି।

# ସୋସିଆଲ ମିଡିଆ ସାଜିଛି ପ୍ରାର୍ଥୀଙ୍କ ପ୍ରଚାରର ମୂଳ ପ୍ଲାଟଫର୍ମ

**କେସିଙ୍ଗା, ୩୧।୩(ସମିସ):** ଇତି ମଧ୍ୟରେ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ସରିଥିବା ବେଳେ ପ୍ରାୟତଃ ପ୍ରାର୍ଥୀଙ୍କ ନାମ ମଧ୍ୟ ଘୋଷଣା ହୋଇଯାଇଛି। ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ ତାରିଖକୁ ଅପେକ୍ଷା କରି ବସିଛନ୍ତି। ଏହା ଭିତରେ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି ନିର୍ବାଚନୀ ତାତି। ବିଭିନ୍ନ ଦଳ ପକ୍ଷରୁ ନିଜ ନିଜ ଦଳର ପ୍ରତିଶୃତି ସହିତ ଲୋକଙ୍କୁ ଯୋଗାଇ ଦେଇଥିବା ସୁବିଧା ସବୁ ସୋସିଆଲ ମିଡିଆରେ ଅପଲୋଡ୍ କରାଯାଇଛି। ବିଶେଷ କରି ଫେସବୁକ୍, ୱାଟସ୍‌ଅପ, ଫେସ୍ ବୁକ୍ ରିଲ, ଇନଷ୍ଟା ମାଧ୍ୟମରେ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚି ସମର୍ଥନ ଯୁଟାଇବାରେ ଲାଗିଛନ୍ତି। ଏଥିରେ ସମସ୍ତ ପ୍ରମୁଖ ଦଳ ମଧ୍ୟରେ ବିଜେଡି, ବିଜେପି ଓ କଂଗ୍ରେସ ସମାନ ପରିମାଣରେ ସୋସିଆଲ ମିଡିଆରେ ସକ୍ରିୟ ଅଛନ୍ତି। ନିଜ ନିଜ ଦଳର ପ୍ରମୁଖମାନଙ୍କ ସହିତ ଫଟୋ ସହିତ ବିଭିନ୍ନ ନୂଆଁ ନୂଆଁ ଢଗ ସୋସିଆଲ ମିଡ଼ିଆରେ ଲୋଡ କରି ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ଚେଷ୍ଟା କରୁଛନ୍ତି। ସମର୍ଥକ ବିପକ୍ଷଙ୍କ କମେଣ୍ଟ ମଧ୍ୟ ଭରପୁର ଦେଖିବାକୁ ମିଳୁଛି ସୋସିଆଲ ମିଡିଆରେ। ଆଗକୁ ନିର୍ବାଚନ ଥିବା ବେଳେ ସୋସିଆଲ ମିଡିଆର ଆଉ କେତେ ଉପଯୋଗ ହେବ ତାହା ଦେଖିବାକୁ ବାକି ରହିଛି। ଆଗକୁ ପ୍ରଚାର ତୁଳନାରେ ସମସ୍ତ ଦଳର ପ୍ରମୁଖ ପ୍ରାର୍ଥୀ ସୋସିଆଲ ମିଡିଆରେ ଅଧିକ ସକ୍ରିୟ ରହିବେ ବୋଲି ଜଣାପଡୁଛି।

# ବାଲ୍ ସଂସ୍କାର ପାଠଶାଳାର ଶୁଭାରମ୍ଭ




**କେସିଙ୍ଗା, ୩୧।୩ (ସମିସ):** କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ଗ୍ରାମରେ ଗାୟତ୍ରୀ ପରିବାର ତରଫରୁ ତଥା ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାର ତତ୍ତ୍ୱାବଧାନରେ ବାଲ ସଂସ୍କାର ପାଠଶାଳା (ପାଠଶାଳା) ର ଶୁଭାରମ୍ଭ ହୋଇଛି। ପ୍ରଥମେ ଗ୍ରାମାଞ୍ଚଳର ଅନେକ ସଂଖାରେ ଗାୟତ୍ରୀ ପରିବାର, ପୁରୁଷ ମହିଳା ଆବାଳ ବୃଦ୍ଧ ସମସ୍ତେ ଉପସ୍ଥିତ ହୋଇ ଏକ ସାମୂହିକ ଯଜ୍ଞ ହୋଇଥିଲା। ପୁଷ୍ପାଞ୍ଜଳି ପରେ ଫିତା କାଟି ସିରୋଲ ଗ୍ରାମପଞ୍ଚାୟତ ରାଜସ୍ୱ ନୀରିକ୍ଷକ ଡିଙ୍ଗର ପୁଟେଲ, କାଣ୍ଡେଲ ଗାୟତ୍ରୀ ପରିବାର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋକୁଳାନନ୍ଦ ସାହୁ, କାଣ୍ଡେଲ ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ପଙ୍କଜ ଗଉଡ, ଗଣମାଧ୍ୟମ ପ୍ରତିନିଧି ଦିଲେଶ୍ୱର ମିଶ୍ର, ଜୟଦେବ ବିଶି, ସନ୍ତୋଷ ସାହୁ ପ୍ରମୁଖ ବାଲ ସଂସ୍କାର ପାଠଶାଳାର ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଥିବା ଟ୍ୟୁସନ ଶିକ୍ଷକମାନଙ୍କୁ ନିମନ୍ତ୍ରଣ କରାଯାଇ ଏହି ବାଲ ସଂସ୍କାର ପାଠଶାଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରାଇବା ପାଇଁ ଓ ଭାରତୀୟ ସନାତନ ସଂସ୍କୃତି ଓ ପରମ୍ପରାର ଜାଗୃତି କରେଇବା ପାଇଁ ସହଯୋଗ କାମନା କରାଯାଇଥିଲା। ଅଞ୍ଚଳରେ ଥିବା ୭ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ସମସ୍ତେ ଏହି ପାଠଶାଳାରେ ଅଂଶଗ୍ରହଣ କରିପାରିବେ ବୋଲି ଉପସ୍ଥିତ ବ୍ୟକ୍ତି ବିଶେଷ ମତବ୍ୟକ୍ତ କରିଥିଲେ। ଏକ ସଂସ୍କାରବାନ ଛାତ୍ର ଛାତ୍ରୀ ଗଠନ କରିବା ଉଦ୍ଦେଶ୍ୟରେ ଏହି ପାଠଶାଳା ଅନେକ ଭାବେ ସହାୟକ ହେବ ବୋଲି ବୁଦ୍ଧିଜୀବୀ, ଶିକ୍ଷାବିତ ଓ ଶିକ୍ଷାପ୍ରେମୀମାନେ ମତପୋଷଣ କରିଛନ୍ତି।

# ଜଗନ୍ନାଥ ସେବା ସମିତି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର




**ଧର୍ମଗଡ଼, ୩୧।୩ (ସମିସ):** ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ ସେବା ସମିତି ପକ୍ଷରୁ ରବିବାର ଧର୍ମଗଡ଼ଠାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବରିଷ୍ଠ ଶୈଲ୍ୟ ବିଶେଷଜ୍ଞ ଡାକ୍ତର ବାବାଜୀ ଚରଣ ଦାଶ ଏହି ଶିବିରରେ ଯୋଗ ଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥଲେ। ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରକୁ ଆଧ୍ୟାତ୍ମିକ କଥାବ୍ୟାସ ଶ୍ରୀ ଆଶୀର୍ବାଦ ଜୀ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ସାମ୍ବାଦିକ ବିଦ୍ୟାଧର ସାହୁ, ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଚୈତନ୍ୟ ମେହେର, ସାମ୍ବାଦିକ ଇଙ୍ଗିତ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଜଗନ୍ନାଥ ସେବା ସମିତି ପକ୍ଷରୁ ରୋଗୀମାନଙ୍କୁ ଆବଶ୍ୟକୀୟ ଔଷଧ ମାଗଣାରେ ପ୍ରଦାନ କରାଯାଇଥିଲା। ଜଟିଳ ରୋଗରେ ପୀଡିତ ଥିବା ରୋଗୀଙ୍କ ଅସ୍ତ୍ରୋପଚାର ଖର୍ଚ୍ଚ ଜଗନ୍ନାଥ ସେବା ସମିତି ବହନ କରିବ ବୋଲି ଅଧ୍ୟକ୍ଷ ଶ୍ରୀ ଅଗ୍ରୱାଲ ପ୍ରକାଶ କରିଛନ୍ତି।

# ପାନୀୟ ଜଳ ସେବା ଶିବିର ଉଦ୍‌ଘାଟିତ



**ଗୋଲାମୁଣ୍ଡା, ୩୧।୩(ସମିସ):** କ୍ରମବର୍ଦ୍ଧିଷ୍ଣୁ ତାତିକୁ ଦୃଷ୍ଟିରେ ରଖି ଗୋଲାମୁଣ୍ଡା ସର୍ବ ମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରତ ସ୍କାଉଟ ଓ ଗାଇଡ ବିଭାଗ ଆନୁକୂଲ୍ୟରେ କଲେଜ ଛକ ନିକଟରେ ଏକ ପାନୀୟ ଜଳ ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଜୟନ୍ତ କୁମାର ଜେନା ଏହି ଶିବିରକୁ ଉଦଘାଟନ କରିଥିଲେ। ଆୟୋଜିତ ଏହି ପାନୀୟ ଜଳ ବଣ୍ଟନ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ସରୋଜ କାନ୍ତ ରଥ, ଅଧ୍ୟାପକ ପ୍ରବୀର କୁମାର ରାୟ, କବି ପ୍ରସାଦ ପଟ୍ଟନାୟକ ଓ ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଶିବିରକୁ ଭାରତ ସ୍କାଉଟ ଓ ଗାଇଡ ବିଭାଗର ରୋଭର୍ ଲିଡର ସନ୍ତୋଷ କୁମାର ବାରିକଙ୍କ ନେତୃତ୍ୱରେ ରୋଭର୍ ଓ ରେଞ୍ଜର ଛାତ୍ର ଛାତ୍ରୀ ମାନେ ପରିଚାଳନା କରିଥିଲେ।

# ଟାଙ୍ଗରପାଲି ବ୍ଲକ କଂଗ୍ରେସର କର୍ମୀ ସମ୍ମିଳନୀ

**ସୁନ୍ଦରଗଡ଼, ୩୧।୩(ସମିସ):** ଟାଙ୍ଗରପାଲି ବ୍ଲକ ସୁର୍ଡାଠାରେ ବ୍ଲକ କଂଗ୍ରେସ ସଭାପତି ଶୁକଦେବ ବଡ଼େଇଙ୍କ ଅଧ୍ୟକ୍ଷତାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ଉପସଭାପତି କାଳୀପଦ ସାମଲ, ଦଳ ପକ୍ଷରୁ ସୁନ୍ଦରଗଡ଼ ସଦର ବିଧାନସଭା କ୍ଷେତ୍ର ପାଇଁ ଟିକଟ ଆଶାୟୀ ସୁଧାରାଣୀ ରାଉତିଆ, ସନ୍ତୋଷ ପଧାନ, ବିଶ୍ୱାମିତ୍ର ପ୍ରଧାନ, ସତ୍ୟନାରାୟଣ ସାହୁ ଯୋଗଦେଇ ଆଗାମୀ ନିର୍ବାଚନରେ କଂଗ୍ରେସ ଉଭୟ ରାଜ୍ୟ ଓ କେନ୍ଦ୍ରରେ କ୍ଷମତାକୁ ଫେରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଚୈତନ୍ୟ କାଳିଆ, ରେବତୀ ମହାନନ୍ଦ, ଗୁପ୍ତ ମହାନନ୍ଦ ଓ କମଳ ସା କର୍ମୀମାନଙ୍କୁ ନିଜ ଗ୍ରାମର ପ୍ରଚାର ଦାୟିତ୍ୱ ନେଇ କାମ କରିବା ପାଇଁ ଅନୁରୋଧ କରିଥିଲେ। ସନତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ଡା. ଦୀନବନ୍ଧୁ ସାହୁଙ୍କୁ 'ଆରପାଖ' କବିତା ସମ୍ମାନ



**ଭବାନୀପାଟଣା, ୩୧।୩(ସମିସ):** ଭୁବନେଶ୍ୱରସ୍ଥିତ ମଧୁସୂଦନ ସମବାୟ ପରିଚାଳନା ପ୍ରତିଷ୍ଠାନ ସଭାଗୃହରେ ଅନୁଷ୍ଠିତ ଆରପାଖ ସାହିତ୍ୟ ସଂସଦର ସପ୍ତମ ବାର୍ଷିକ ସାହିତ୍ୟ ଉତ୍ସବରେ ଡା.ଦୀନବନ୍ଧୁ ସାହୁଙ୍କୁ ଆରପାଖ କବିତା ସମ୍ମାନରେ ସମ୍ମାନିତ କରାଯାଇଛି। ଉକ୍ତ ସାରସ୍ୱତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଡ. ନୃସିଂହ ତ୍ରିପାଠୀ, ଗାଳ୍ପିକା ଶକୁନ୍ତଳା ବଳିଆରସିଂହ, ପ୍ରାବନ୍ଧିକ ଅସିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସଂସଦର ଅଧ୍ୟକ୍ଷ କବି ମମତା ପଟ୍ଟନାୟକ ଓ ସମ୍ପାଦକ ନୀଳଚକ୍ର ଦାସ ଉତ୍ସବ ପରିଚାଳନା କରିଥିଲେ। କବି ଡା.ଦୀନବନ୍ଧୁ ସାହୁ ସମ୍ପ୍ରତି ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭେଷଜ ବିଶେଷଜ୍ଞ ଭାବେ କାର୍ଯ୍ୟରତ ଥିବା ବେଳେ ମଧୁଗନ୍ଧା, ଖଦ୍ୟୋତିକା, ଅନାଭରଣ, ନୀଳନଈ, କଥା କାଦମ୍ବରୀ, ଯୋଗୀ ଚରିତ ଆଦି ଛଅ ଗୋଟି ପ୍ରକାଶିତ କବିତା ପୁସ୍ତକର ରଚୟିତା।

# ଜୀବନଚର୍ଯ୍ୟାର ରାଗ ତୋଳିଲା 'ଶବ୍ଦରଙ୍ଗୋତ୍ସବ'

**ଭବାନୀପାଟଣା, ୩୧।୩(ସମିସ):** ଗତାନୁଗତିକକୁ ରଙ୍ଗ ମଖାଏ ଶବ୍ଦ। ଜୀବନର ଶବ୍ଦ ଓ ଭାବକୁ ନେଇ ଇନ୍ଦ୍ରଧନୁ ସୃଷ୍ଟି କରେ ସାହିତ୍ୟ। ସାହିତ୍ୟ ତେଣୁ ସମୟୋଚିତ ଶବ୍ଦ ଚାତୁରୀରେ ପାଠକ ପ୍ରାଣରେ ଭରିଦିଏ ଭିନ୍ନ ଏକ ରଙ୍ଗର ଉତ୍ସବ। ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦ, ଭବାନୀପାଟଣାର ଧାରାବାହିକ ୨୦୬ ସଂଖ୍ୟା ସାରସ୍ୱତ ଆସର ଅବସରରେ ଅନୁଷ୍ଠିତ 'ଶବ୍ଦରଙ୍ଗୋତ୍ସବ-୨୪'କାର୍ଯ୍ୟକ୍ରମରେ କବିଗଣ ଏଭଳି ମତ ଦେଇଛନ୍ତି। ବରିଷ୍ଠ ସାହିତ୍ୟିକ ମୀନା କୁମାରୀ ମୁଣ୍ଡ ଉଦଘାଟନ କରିଥିବା ବେଳେ ଦୀପ୍ତି ମୁଣ୍ଡ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଅଧ୍ୟାପକ ବଙ୍କିମ କୁମାର ମୁଣ୍ଡ 'କଳାହାଣ୍ଡିରେ କଳାରାଗ: ଏକ ସମ୍ଭାବନା' ଶୀର୍ଷକରେ ଭିତ୍ତି ପ୍ରବନ୍ଧ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ନିଆରା ଢଙ୍ଗରେ ଉପସ୍ଥାପନା କରି ମନ୍ତ୍ରମୁଗ୍ଧ କରିଥିଲେ। ଯୁବ ପ୍ରତିଭା ନବଘନ ସାହୁଙ୍କ ସଂଯୋଜନାରେ ମୀନା କୁମାରୀ ମୁଣ୍ଡ, କଳ୍ପନା ରଥ, ସବିତା ଶତପଥୀ, ସ୍ୱର୍ଣ୍ଣକାନ୍ତି ବୈକାର, ଝରଣା ପାଢ଼ୀ, ଯୁଧିଷ୍ଠିର ମୁଦୁଲି, ଅନିତା ମୁଣ୍ଡ, ସାଗର ବୈଠାରୁ, ନହେଦା ସାହିନ, ଦୀପ୍ତି ମୁଣ୍ଡ, ସତ୍ୟ ନାରାୟଣ ନାଏକ, ପ୍ରଦୀପ କୁମାର ସିଂ, ଚିତ୍ତରଞ୍ଜନ ସାହୁ, ପ୍ରତାପ ଚନ୍ଦ୍ର ପଣ୍ଡା, ନବଘନ ସାହୁ ପ୍ରମୁଖ କବିତାରେ ଶବ୍ଦରଙ୍ଗ ତୋଳିଥିବା ବେଳେ ଗାଳ୍ପିକ ପ୍ରକାଶ ନିଶଙ୍କ, ସୌଦାମିନୀ ଭୋଇ, ସଙ୍ଗୀତା ମୋହନ ଗହୀର ଓ ଶୁଭ୍ରା ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରଥମ ଥର ପାଇଁ କବିତାବୃତ୍ତି କରିଥିବା ସାରସ୍ୱତ ସାଧିକା ଅନୀତା ମୁଣ୍ଡ ଓ ସାରସ୍ୱତ ସାଧକ ପ୍ରଦୀପ କୁମାର ସିଂଙ୍କୁ ସମବେତ ଭାବେ ସ୍ୱାଗତ କରାଯାଇଥିଲା। ଯୁବ କବି ପ୍ରତାପ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଧାରଣ ନିର୍ବାଚନ-୨୦୨୪

# ପୁଲିସ-ମାଜିଷ୍ଟ୍ରେଟ୍ ସମନ୍ୱୟ ଓ ସ୍କ୍ୱାଡ୍ ଟିମ୍ ସମ୍ପର୍କିତ ସମୀକ୍ଷା

## ● ୧୦୭ ଓ ୧୧୦ ଧାରାରେ ବିଶୃଙ୍ଖଳାକାରୀଙ୍କ ଉପରେ ରହିବ କଡ଼ା ନଜର

**ଭବାନୀପାଟଣା, ୩୧।୩(ସମିସ)**



ଆସନ୍ତା ସାଧାରଣ ନିର୍ବାଚନ-୨୦୨୪ ନିମନ୍ତେ ରବିବାର ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପି ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ପୁଲିସ-ମାଜିଷ୍ଟ୍ରେଟ ସମନ୍ୱୟ ତଥା ବିଭାଗୀୟ ସ୍କ୍ୱାର୍ଡ ଟିମ୍ ଉପରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜୀ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଏବଂ ତ୍ରିଲୋଚନ ପାତ୍ର, ସିଡିଓ ଜିଲ୍ଲା ପରିଷଦ ଦୟାମୟ ପାଢ଼ୀ, ଧର୍ମଗଡ଼ ଉପଜିଲ୍ଲାପାଳ ଧିମନ ଚକମା, ଭବାନୀପାଟଣା ଉପ ଜିଲ୍ଲାପାଳ ବିଶ୍ୱଜିତ ଦାସଙ୍କ ସମେତ ଏସଡିପିଓ, ସମସ୍ତ ତହସିଲଦାର, ସମସ୍ତ ଥାନା ଅଧିକାରୀ, ଅବକାରୀ କ୍ଷେତ୍ର ଅଧିକାରୀ, ଜିଏସଟି ଅଧିକାରୀ, ଆୟକର ବିଭାଗ ଅଧିକାରୀ, ଜଙ୍ଗଲ ବିଭାଗ ଅଧିକାରୀ, ସରକାରୀ ଓକିଲ, ଆର୍‌ଟିଓ, ଡିଆଇପିଆର୍‌ଓ, ନିର୍ବାଚନ ସଂଯୁକ୍ତ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଜିଲ୍ଲାରେ ନିର୍ବାଚନ ପୂର୍ବରୁ ସିଆର୍‌ପିସି ୧୦୭ ଏବଂ ୧୧୦ ଧାରା ଅନୁଯାୟୀ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବିଶୃଙ୍ଖଳାକାରୀଙ୍କ ବିରୋଧରେ ନୋଟିସ ଜାରି ସହ ଅସାମାଜିକ ତତ୍ତ୍ୱ ମାନଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ, ଚିହ୍ନଟ କରି ପଦକ୍ଷେପ ନେବାକୁ ଉଭୟ ଆଇଆଇସି ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ବେଦନଶୀଳ ବୁଥମାନଙ୍କରେ ୱେବକାଷ୍ଟିଂ ଓ ସୁରକ୍ଷା ଫୋର୍ସ ମୁତୟନ ଉପରେ ଆଲୋଚନା ହୋଇଥିଲା। ଜିଲ୍ଲାରେ ଅବାଧ ମଦ, ନିଶାଦ୍ରବ୍ୟ, ଗଞ୍ଜେଇ କାରବାରକୁ ରୋକିବା, ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଜୋରିମାନା ଆଦାୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ଅବକାରୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ ବାତାବରଣକୁ ଅବାଧ ଓ ସ୍ୱଚ୍ଛ ରଖିବା ପାଇଁ ସମସ୍ତ ତହସିଲଦାର ପୁଲିସ ସହ ସମନ୍ୱୟ ରଖି ବେଆଇନ ମଦ ବିକ୍ରି କରୁଥିବା ପାନ, କିରାନା ଦୋକାନୀ, ଢ଼ାବା ମାଲିକଙ୍କୁ ଗିରଫ ଓ ଦୋକାନ ସିଲ୍ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅବକାରୀ, ଜିଏସଟି, ଆୟକର, ଜଙ୍ଗଲ ବିଭାଗ ଟିମ୍ ଦ୍ୱାରା ଧରପଗଡ଼ ଓ ଜରିମାନା ଆଦାୟ ଉପରେ ପୁଙ୍ଖାନୁପୁଙ୍ଖ ପଚାରି ସମୀକ୍ଷା କରିଥିଲେ। ହେଲମେଟ ଚେକିଂ, ମଦ ପିଇ ଗାଡ଼ି ଚଳାଇବା, ଅଧିକ ଗତିକୁ ରୋକିବା ଓ ଜରିମାନା ଆଦାୟ ପାଇଁ ଆର୍‌ଟିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆରକ୍ଷୀ ଅଧିକ୍ଷକ ସମସ୍ତ ଥାନାମାନଙ୍କୁ ନିଜ ଟିମ୍ ସହ ଦିନ ରାତି ସଜାଗ ରହି ଚେକ୍ ପୋଷ୍ଟ ଓ ଅନ୍ୟ ସ୍ଥାନମାନଙ୍କରେ ଅବୈଧ କାରବାରକୁ ରୋକିବା ଓ ଦୋଷୀଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଧରପଗଡ଼ ଟିମ୍ ସଜାଗ ହେଲେ ସ୍ୱଚ୍ଛ ନିର୍ବାଚନ ବାତାବରଣ ସୃଷ୍ଟି ହେବ ଏବଂ ଶାନ୍ତି ଶୃଙ୍ଖଳା ସହ ନିର୍ବାଚନ କାର୍ଯ୍ୟ ସମାପନ ହେବ ବୋଲି ଜିଲ୍ଲାପାଳ କହିଛନ୍ତି।

